

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୬ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 MAY 2023
Vol.No. 34 ■ No. 128 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ବଜରଙ୍ଗ ଦଳକୁ ଟିପ୍ପଣୀ ମହଙ୍ଗା ପଡ଼ିଲା: ମଲ୍ଲିକାର୍ଜୁନ ଖଡଗେଙ୍କୁ କୋର୍ଟଙ୍କ ସମନ



ନୂଆଦିଲ୍ଲୀ,୧୫/୦୫ : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଇସ୍ତାହାରରେ କଂଗ୍ରେସ 'ବଜରଙ୍ଗ ଦଳ'କୁ 'ପପୁଲାର ଫ୍ରଣ୍ଟ୍ ଅଫ୍ ଇଣ୍ଡିଆ' ସହିତ ତୁଳନା କରିଥିବା ସଂକ୍ରାନ୍ତ ୧୦୦ କୋଟି ଟଙ୍କାର ମାନହାନି ମାମଲାରେ ଆଜି ପଞ୍ଜାବର ଏକ ଅଦାଲତ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ସମନ ଜାରି କରିଛନ୍ତି। 'ବଜରଙ୍ଗ ଦଳ ହିନ୍ଦୁସ୍ତାନ'ର ସଭାପତି ହିତେଶ ଭରଦ୍ୱାଜଙ୍କ ଅଭିଯୋଗ ଆଧାରରେ ପଞ୍ଜାବର ସଙ୍ଗରର ଜିଲ୍ଲା ଅଦାଲତ କଂଗ୍ରେସ ଅଧ୍ୟକ୍ଷଙ୍କୁ ଉପରୋକ୍ତ ସମନ ଜାରି କରିଛନ୍ତି। ଅଳ୍ପଦିନ ତଳେ ସମ୍ପନ୍ନ ହୋଇଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟରେ କଂଗ୍ରେସ ପ୍ରକାଶ କରିଥିବା ଇସ୍ତାହାରରେ 'ବଜରଙ୍ଗ ଦଳ'କୁ 'ଏସ୍‌ଆଇଏମ୍‌ଆଇ' ଏବଂ 'ଅଲ୍-କାଏଦା' ଭଳି ଦେଶବିରୋଧୀ ସଙ୍ଗଠନ ସହିତ ତୁଳନା କରିଛି ବୋଲି ଅଭିଯୋଗକାରି ଦର୍ଶାଇଥିଲେ। ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବା ତିକ୍ତତା ବୃଦ୍ଧି କରୁଥିବା 'ବଜରଙ୍ଗ ଦଳ'କୁ ନିଷିଦ୍ଧ କରାଯିବ ବୋଲି ଉକ୍ତ ଇସ୍ତାହାରରେ କଂଗ୍ରେସ ଉଲ୍ଲେଖ କରିଥିଲା। କିନ୍ତୁ, ପ୍ରଧାନମନ୍ତ୍ରୀ ମୋଦୀ ଓ ଅନ୍ୟାନ୍ୟ 'ବିଜେପି' ନେତା ତୀବ୍ର ସମାଲୋଚନା କରିବାରୁ ଏ ସଂକ୍ରାନ୍ତରେ କଂଗ୍ରେସ ସ୍ପଷ୍ଟୀକରଣ ଦେବାକୁ ବାଧ ହୋଇ କହିଥିଲା ଯେ, 'ବଜରଙ୍ଗ ଦଳ'କୁ ନିଷିଦ୍ଧ କରାଯିବାର ଯୋଜନା ନାହିଁ। କାରଣ, ଏ ପ୍ରକାରର ଦଳକୁ ନିଷିଦ୍ଧ କରିବାର ଅଧିକାର କେବଳ କେନ୍ଦ୍ର ସରକାରଙ୍କର ଅଛି। ସେପଟେ, ମାଲ୍ଲେଶ୍ୱରମ୍ ନିର୍ବାଚନ ମଣ୍ଡଳୀରେ ନିଜ ଆସନ ବଜାୟ ରଖିଥିବା ବିଦାୟୀ କର୍ଣ୍ଣାଟକ ମନ୍ତ୍ରୀ ସି. ଏନ୍. ଅଶ୍ୱତନାରାୟଣ ଫଳାଫଳ ପ୍ରକାଶ ପାଇବା ଦିନ 'ବଜରଙ୍ଗ ଦଳ'କୁ ନିଷିଦ୍ଧ କରିବା ଲାଗି କଂଗ୍ରେସ୍‌କୁ ଚାଲେଞ୍ଜ୍ କରିଛନ୍ତି। ସେ କହିଛନ୍ତି, 'ବଜରଙ୍ଗ ଦଳ'କୁ ନିଷିଦ୍ଧ କରିବା ବିଷୟରେ କହିବାକୁ ସେମାନଙ୍କର ସାହସ ହେଲା କେମିତି? ନିଷିଦ୍ଧ କରନ୍ତୁ। ତା'ପରେ ଆମେ କ'ଣ କରିବୁ ଦେଖିବେ।

# ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ରାଜ୍ୟ: ଜଳୁଛି ପଶ୍ଚିମ ଓଡ଼ିଶା



ଭୁବନେଶ୍ୱର, ୧୫/୦୫ (ନି.ପ୍ର): ପ୍ରଚଣ୍ଡ ତାତି, ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ରାଜ୍ୟ। ଜଳୁଛି ପଶ୍ଚିମ ଓଡ଼ିଶା। ବଲାଙ୍ଗିର ଓ ଟିଟିଲାଗଡରେ ଅସମ୍ଭାଳ ତାତି। ୪୪ .୪ ଡିଗ୍ରୀ ତାପମାତ୍ରା ସହ ବଲାଙ୍ଗିର ଆଜି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼ ତାତି ବି ୪୪ ଡିଗ୍ରୀ ଛୁଇଁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରୀ କରିଥିବା ବୁଲେଟିନ୍ ଅନୁସାରେ ଝାରସୁଗୁଡ଼ାରେ ୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୩.୫ ଡିଗ୍ରୀ, ବୌଦ୍ଧରେ ୪୨.୯ ଡିଗ୍ରୀ, ସମ୍ବଲପୁରରେ ୪୨.୮ ଡିଗ୍ରୀ, ସୋନପୁରରେ ୪୨.୮ ଡିଗ୍ରୀ, ମାଲକାନଗିରିରେ ୪୨.୮ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ,

▶▶ପୃଷ୍ଠା ୭

# ଦିନ ଦ୍ୱିପ୍ରହରରେ ଡକାୟତି: ଗହଣା ଶୋ'ରୁମ୍‌ରୁ ନେଇଗଲେ ୧୫ କେଜି ସୁନା



ଯାଜପୁର, ୧୫/୦୫ (ନି.ପ୍ର): ଯାଜପୁର ଜିଲ୍ଲା ବ୍ୟାସନଗର ବଜାରରେ ଥିବା ଏକ ଗହଣା ଶୋ' ରୁମ୍ 'ସେନ୍‌କୋ'ରେ ଡକାୟତି। କର୍ମଚାରୀଙ୍କୁ ମାଡ଼ ମାରି ଡକାୟତମାନେ ବିପୁଳ ପରିମାଣର ଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ୭ ଡକାୟତ ବନ୍ଧୁକ ମୁନରେ ପ୍ରଥମେ କର୍ମଚାରୀଙ୍କୁ ଡରାଇ ଧମକାଇ ଥିଲେ ଓ ପରେ ଗହଣା ଲୁଟି ନେଇଥିବା ସୂଚନା ମିଳିଛି। ଦିନ ସାଢ଼େ ୧ଟାରୁ ୨ଟା ଭିତରେ ଏହି ଡକାୟତି ହୋଇଛି। ଯୋଜନାବଦ୍ଧ ଭାବେ ଏହି ଡକାୟତମାନେ ଗ୍ରାହକ ବେଶରେ ବ୍ୟାଙ୍କରେ ପଶିଥିଲେ। ଗହଣା ଶୋ' ରୁମ୍‌ରେ ଥିବା ଗ୍ରାହକ ଓ କର୍ମଚାରୀଙ୍କୁ ମାଡ଼ ମାରି ଲୁଟ୍‌ପାଟ୍ କରିଥିଲେ। ସିକ୍ୟୁରିଟି ଗାର୍ଡର ବନ୍ଧୁକ ଛଡ଼ାଇ ମଧ୍ୟ ଭାଙ୍ଗି ଦେଇଛନ୍ତ ଡକାୟତ। ଡକାୟତଙ୍କ ମାଡ଼ରେ ଶୋ' ରୁମ୍‌ର ଦୁଇଜଣ କର୍ମଚାରୀ ଆହତ ମଧ୍ୟ ହୋଇଛନ୍ତି। ତେବେ କେତେ ଟଙ୍କାର ଗହଣା ଲୁଟ୍ ସ୍ପଷ୍ଟ ହୋଇନି। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଛି। ଅଭିଯୋଗ ହୋଇଛି ୧୫ କେଜି ସୁନା ସହିତ ରୁପା ମଧ୍ୟ ଲୁଟ୍ ହୋଇଛି। ଡକାୟତମାନେ ହିନ୍ଦିରେ କଥା ହେଉଥିବା ବେଳେ ମୁହଁରେ ମାସ୍କ ପିନ୍ଧିଥିଲେ। ଗହଣା ଶୋ' ରୁମ୍‌ର ମ୍ୟାନେଜର ପ୍ରଣବ ସାହୁ କହିଛନ୍ତି, ଦିନ ପ୍ରାୟ ୧.୪୫ରେ ସେ କ୍ୟାଣ୍ଟିନ୍‌ରେ ଖାଇସାରି ଆସୁଥିବା ବେଳେ ଡକାୟତମାନେ ସିକ୍ୟୁରିଟିକୁ ପିଟୁଥିବା ଦେଖିବାକୁ ପାଇଥିଲେ। ଦୌଡି ଆସି ସିକ୍ୟୁରିଟି ପାଖରେ ପହଞ୍ଚିବା କ୍ଷଣି ଡକାୟତମାନେ ତାଙ୍କ ସାର୍ଟ କଲର ଧରି ଘୋଷାଡି ନେଇଥିଲେ। ପୁରୁଷ ଓ ମହିଳାମାନଙ୍କୁ ବନ୍ଧୁକ ଦେଖାଇ ଅଲଗା ଅଲଗା ସ୍ଥାନରେ ବସାଇ ରଖିଥିଲେ।

▶▶ପୃଷ୍ଠା ୭

## ଶୀତଳ ଷଷ୍ଠୀ ପୂର୍ବରୁ ୨୧ ଅଖ ଓ ୪୨ ଚକ ନିର୍ମାଣ ଶେଷ ହେବ

ପୁରୀ, ୧୫/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, କରତିଆ ସେବାୟତ ମାନେ ରଥ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି । ରବିବାର ସଂନ୍ଧ୍ୟା ସୁଦ୍ଧା ତିନି ରଥର ୪୨ ଚକ ମଧ୍ୟରୁ ୩୩ଟି ଚକ ନିର୍ମାଣ ଶେଷ ହୋଇଛି । ଅବଶିଷ୍ଟ ୯ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଂଚିଛି । ସେହିପରି ତିନି ରଥର ମୋଟ୍ ୨୧ଟି ଅଖ ମଧ୍ୟରୁ ୧୨ଟି ନିର୍ମାଣ ସରିଛି । ଆଗାମୀ ୨୫ ତାରିଖ ଶୀତଳ ଷଷ୍ଠୀ ପୂର୍ବରୁ ୨୧ ଅଖ ଓ ୪୨ ଚକ ନିର୍ମାଣ ଶେଷ ହେବ । ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ରଥ ନିର୍ମାଣ ପାଇଁ ବ୍ୟବହୃତ ହେବାକୁ ଥିବା ପନ୍ଦାରୀ, ବଳା, ଚାବି, ଦଣ୍ଡା କଂଟା, ଗୟଳ କଂଟା, ଯୋଖା କଂଟା ଏବଂ କଇଁଚ କଂଟା ପ୍ରସ୍ତୁତି କରୁଛନ୍ତି । ଦୋଳବେଦି ଉପରେ କରତି ସେବକଙ୍କ ଦ୍ୱାରା ପୋଲଗୟଳ କାଠ ଚିରଟ କରାଯାଉଛି ।

# ଦୀପାଳି ଦାସଙ୍କ ନୂଆ ଇନିଂସ: ବିଧାୟିକା ଭାବେ ନେଲେ ଶପଥ



ଭୁବନେଶ୍ୱର, ୧୫/୦୫ (ନି.ପ୍ର):ବିଧାୟିକା ଭାବେ ଶପଥ ନେଲେ ଦୀପାଳି ଦାସ । ସୋମବାର ବିଧାନସଭାରେ ଦୀପାଳିଙ୍କୁ ଶପଥପାଠ କରାଇଛନ୍ତି ଉପବାଚସ୍ପତି ରଜନୀକାନ୍ତ ସିଂହ। ଏହି ସମୟରେ ଦୀପାଳିଙ୍କ ସାଙ୍ଗରେ ତାଙ୍କ ମା' ଓ ଭାଇ ଉପସ୍ଥିତ ଥିଲେ। ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ରୀତା ସାହୁଙ୍କ ସହିତ ବିଧାୟକ ପ୍ରଣବ ବଳବନ୍ତରାୟ ମଧ୍ୟ ଉପସ୍ଥିତ ଥିଲେ। ବିଧାୟିକା ଭାବେ ଶପଥ ନେବାପରେ ଦୀପାଳି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଝାରସୁଗୁଡ଼ାବାସୀଙ୍କ ସେବା କରିବି। ମୋ ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ କାର୍ଯ୍ୟ କରିବି। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ ଦୀପାଳି। ଝାରସୁଗୁଡ଼ାର ବିକାଶକୁ ଆଗେଇ ନେବା ସହ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଦୀପାଳିଙ୍କୁ ନବୀନ ପରାମର୍ଶ ଦେଇଥିଲେ।

▶▶ପୃଷ୍ଠା ୭

## ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା: ଆଉ ଜଣଙ୍କୁ ଗିରଫ କଲା ସିବିଆଇ





ନୂଆଦିଲ୍ଲୀ, ୧୫/୦୫: ନୋଏଡା ସ୍ଥିତ ଇଣ୍ଡିଆ ଆହେଡ ନ୍ୟୁଜ୍ ଚାନେଲର ବାଣିଜ୍ୟିକ ମୁଖ୍ୟ ଅରବିନ୍ଦ କୁମାର ସିଂହଙ୍କୁ ସିବିଆଇ ଗିରଫ କରିଛି। ଦିଲ୍ଲୀର ଚର୍ଚ୍ଚିତ ଅବକାରୀ ଦୁର୍ନୀତି ମାମଲାରେ ସୋମବାର ସିବିଆଇ ତାଙ୍କୁ ଗିରଫ କରିଛି। ସିବିଆଇର କହିବା ଅନୁଯାୟୀ ଅରବିନ୍ଦ ଜୁନ୍ ୨୦୨୧ରୁ ଜୁଲାଇ ୨୦୨୨ ମଧ୍ୟରେ ବେଆଇନ ଭାବରେ ହୋଇଥିବା ଟଙ୍କା ହେରଫେରରେ ସାମିଲ୍ ଥିଲେ। ସିବିଆଇ ଅଭିଯୋଗ କହିଛି, ଚାନେଲର ବାଣିଜ୍ୟ ମୁଖ୍ୟ ଗୋଆ ନିର୍ବାଚନ ସମୟରେ ଆମ ଆଦମୀ ପାର୍ଟୀର ପ୍ରଚାର କରୁଥିବା ଏକ କମ୍ପାନୀକୁ ୧୭ କୋଟି ଟଙ୍କା ହସ୍ତାନ୍ତର କରିଥିଲେ। ଯେଉଁଥିପାଇଁ ସିବିଆଇ ତାଙ୍କୁ ଗିରଫ କରିଛି। ସୂଚନାଥାଉକି, ବହୁ ଚର୍ଚ୍ଚିତ

▶▶ପୃଷ୍ଠା ୭

# ଦୁବାଇ ଅଭିମୁଖେ ଭୁବନେଶ୍ୱରରୁ ଉଡିଲା ବିମାନ

## ଇଣ୍ଡିଗୋର ବିମାନ ସେବା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫/୦୫ (ନି.ପ୍ର): ଆଜିଠାରୁ ଭୁବନେଶ୍ୱରରୁ ଦୁବାଇକୁ ଆରମ୍ଭ ହୋଇଛି ବିମାନ ସେବା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଇଣ୍ଡିଗୋ ବିମାନ ଉଡ଼ାଣ ସେବାର ଶୁଭାରମ୍ଭ କରିଛନ୍ତି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଯାତ୍ରୀଙ୍କୁ ନେଇ ଦୁବାଇ ଅଭିମୁଖେ ଉଡ଼ାଣ ଭରିଛି ଇଣ୍ଡିଗୋ ବିମାନ । ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି। ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି, ସାମଗ୍ରିକ ଅଭିବୃଦ୍ଧି ପାଇଁ ଆନ୍ତର୍ଜାତିକ ସଂଯୋଗୀକରଣ ଗୁରୁତ୍ୱପୂର୍ଣ୍ଣ । ଶିଳ୍ପର ବିକାଶ ହେଉ କି ନିବେଶ, ପର୍ଯ୍ୟଟନକୁ ପ୍ରୋତ୍ସାହନ କିମ୍ବା ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଯୋଗାଯୋଗ ଆନ୍ତର୍ଜାତିକ ସଂଯୋଗୀକରଣ ଆବଶ୍ୟକ। ୟୁରୋପ ଓ ଆମେରିକା ବଜାର ପାଇଁ ଦୁବାଇ ହେଉଛି ମଧ୍ୟପ୍ରାଚ୍ୟର ଗେଟ୍ ୱେ । ଦୁବାଇକୁ ପ୍ରଥମ ଦିନର ଫ୍ଲାଇଟରେ ଯାତ୍ରୀଙ୍କ ସହ ମିଶନ ଶକ୍ତି ସଦସ୍ୟ, କ୍ରୀଡ଼ାବିତ ପ୍ରମୁଖ ଯାତ୍ରା କରିଛନ୍ତି । ଏୟାରକ୍ରାଫ୍ଟ କ୍ରିୟୁଙ୍କ ସହ ମୋଟ୍ ଭୁବନେଶ୍ୱରରୁ ଦୁବାଇ ଯାଇଛନ୍ତି। ଯାତ୍ରୀଙ୍କୁ ଉତ୍ତରୀୟ,

▶▶ପୃଷ୍ଠା ୭

# ସର୍ତ୍ତରେ କଂଗ୍ରେସକୁ ସମର୍ଥନ କରିବାକୁ ମମତା ରାଜି



କୋଲକାତା,୧୫/୦୫ : କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଶର ଏହି ସର୍ବ ପୁରାତନ ରାଜନୈତିକ ଦଳକୁ ସମର୍ଥନ କରିବାର ସଙ୍କେତ ଦେଇଛନ୍ତି। ଏଥିପାଇଁ ମମତା ବାନାର୍ଜୀ ଏକ ସର୍ତ୍ତ ରଖିଛନ୍ତି, ଯଦି କଂଗ୍ରେସ ଏହାକୁ ସ୍ୱୀକାର କରିବ ତେବେ ଟିଏମସି କଂଗ୍ରେସକୁ ସମର୍ଥନ ଦେବ ବୋଲି ମମତା କହିଛନ୍ତି। କଂଗ୍ରେସ ଯେଉଁ ରାଜ୍ୟରେ ମଜବୁତ ଥିବ, ସେଠାରେ ସେମାନେ ନିର୍ବାଚନ ଲଢିବେ ଏବଂ ଆମେ ସମର୍ଥନ ଦେବୁ। ଠିକ୍ ସେହିପରି ଯେଉଁ ରାଜ୍ୟରେ ବିରୋଧୀ ଦଳର ସଶକ୍ତ ଜନାଧାର ଥିବ ସେଠାରେ କଂଗ୍ରେସ ସମର୍ଥନ ଜଣାଇବା ଉଚିତ୍। ଯଦି କଂଗ୍ରେସକୁ ଏହା ମଞ୍ଜୁର ଦେବେ ଆମେ ସମର୍ଥନ ଦେବୁ ବୋଲି ମମତା ବାନାର୍ଜୀ କହିଛନ୍ତି। ଆମେ କର୍ଣ୍ଣାଟକରେ ଆପଣଙ୍କୁ ସମର୍ଥନ କରିବୁ ଆଉ ଆପଣ ପଶ୍ଚିମବଙ୍ଗରେ ଆମ ବିରୋଧରେ ଲଢିବେ। ଏହା ତ ହୋଇ ପାରିବ ନାହିଁ। ଯଦି ତୁମେ କିଛି ପାଇବାକୁ ଚାହୁଁଛ ତେବେ ତୁମକୁ କିଛି ଅଞ୍ଚଳରେ ତ୍ୟାଗ କରିବାକୁ ପଡ଼ିବ ବୋଲି ମମତା କହିଛନ୍ତି। ଟିଏମସି ଗଣିତ ଅନୁସାରେ

▶▶ପୃଷ୍ଠା ୭

# ଅଦାନୀ ଗ୍ରୁପ-ହିଣ୍ଡେନବର୍ଗ ମାମଲାର ତଦନ୍ତ ପାଇଁ ୬ ମାସ ସମୟ ଦାବି କଲା ସେବି



ନୂଆଦିଲ୍ଲୀନୂଆଦିଲ୍ଲୀ,୧୫/୦୫ : ବଜାର ନିୟାମକ ଭାରତୀୟ ପ୍ରତିଭୂମି ଏବଂ ବିନିୟମ ବୋର୍ଡ ସୋମବାର ଅଦାନୀ ଗ୍ରୁପ ବିରୋଧରେ ହିଣ୍ଡେନବର୍ଗ ରିପୋର୍ଟ ଉପରେ ତଦନ୍ତ ପୂରା କରିବା ପାଇଁ ଛଅ ମାସର ସମୟ ଦେବାକୁ ଦାବି କରିଛି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ତିନି ଜଣିଆ ପୀଠ ସେବିର ଏହି ଆବେଦନ ଉପରେ ଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଜର ତଦନ୍ତ ପୂରା କରିବା ପାଇଁ ଅଧିକ ସମୟର ଆବଶ୍ୟକତା ଥିବା ସେବି କହିଛି। ଏକ ସତ୍ୟପାଠ ଦାଖଲ କରି ସେବି କୋର୍ଟକୁ ଜଣାଇଛି ଯେ, ୨୦୧୬ରୁ ଆଦାନୀ ଗ୍ରୁପର ତଦନ୍ତ ପ୍ରସଙ୍ଗ ସଂପୂର୍ଣ୍ଣ ନିରାଧାର। ନିଜର ସତ୍ୟପାଠରେ ସେବି କହିଛି, ସଂସ୍ଥା ବିଶ୍ୱର ୫୧ କମ୍ପାନୀର ଆର୍ଥିକ ନେଣଦେଣର ତଦନ୍ତ କରିଛି, ହେଲେ କେଉଁଥିରେ ମଧ୍ୟ ଆଦାନୀ ଗ୍ରୁପର କୌଣସି ସୂଚୀବଦ୍ଧ କମ୍ପାନୀ ସାମିଲ୍ ନାହିଁ। ତେଣୁ ଆମକୁ ମାମଲାର ତଦନ୍ତ ପାଇଁ ଅଧିକ ସମୟ ଦରକାର। ଏହା ପୂର୍ବରୁ ଶୁକ୍ରବାର ସର୍ବୋଚ୍ଚ ନ୍ୟାୟାଳୟ ଅଦାନୀ ଗ୍ରୁପ-ହିଣ୍ଡେନବର୍ଗ ମାମଲାର ତଦନ୍ତ ପାଇଁ ସେବିକୁ ୬ ମାସ ସମୟ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ।

▶▶ପୃଷ୍ଠା ୭

# ଗ୍ୟାରେଜ୍ କାମରୁ ଡକାୟତି ଆରମ୍ଭ: କାବୁହେଲେ ୬ଜଣିଆ ନୂଆ ଗ୍ୟାଙ୍ଗ୍



ବ୍ରହ୍ମପୁର , ୧୫/୦୫ (ନି.ପ୍ର): ଖଜୁରିଆ ଢାବା ନିକଟରେ ଗତ ୧୧ତାରିଖରେ ହୋଇଥିବା ଏକ ଲୁଟ୍ ମାମଲାର ତଦନ୍ତ କରି ଗୋସାଇଁ ନୂଆଗାଁ ଥାନା ପୁଲିସ ଏକ ୬ଜଣିଆ ଡକାୟତ ଗ୍ୟାଙ୍ଗକୁ କାବୁ କରିଛି । ଏହି ଗ୍ୟାଙ୍ଗ୍‌ରେ ଜଣେ ନାବାଳକ ଅଭିଯୁକ୍ତ ରହିଛି । ଗିରଫ ଅଭିଯୁକ୍ତମାନେ ହେଲେ, ବଡ଼ବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ଅଞ୍ଚଳର ସୁଶାନ୍ତ କୁମାର ସାହୁ (୨୪), ଶ୍ରୀରାମନଗର ଜଗନ୍ନାଥବିହାର ୪ର୍ଥ ଗଳିର ସୁମନ୍ ଚୌଧୁରୀ (୧୯), ଗଣପତିନଗର ୫ମ ଗଳିର ସାଗର ସାହୁ (୧୯), ନିମଖଣ୍ଡି ଥାନା ଝାଡ଼ାଙ୍କୁଲିର ସୁକଦେବ ସାହୁ(୨୩), ଛତ୍ରପୁର ଥାନା ସିନ୍ଦୁରପୁର ଗ୍ରାମର ପିଙ୍କୁ ସାହୁ (୨୫) । ଅଭିଯୁକ୍ତଙ୍କ ଠାରୁ ସୁନା ଗହଣା ଆଦି ଲୁଟ୍‌ସାମଗ୍ରୀ କିଣିଥିବା ଅଭିଯୋଗରେ ବ୍ରଜନଗର ୨ୟ ଗଳିର କିସାନ୍ ସାହୁ(୨୪)କୁ ମଧ ପୁଲିସ ଗିରଫ କରିଛି । ବ୍ରହ୍ମପୁର ଏସ୍‌ପି ଡା. ଶରବଣା ବିବେକ୍ ଏମ୍. ରବିବାର ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ମୁତାବକ, ଧରାପଡ଼ିଥିବା ଏହି ଡକାୟତ ଗ୍ୟାଙ୍ଗ୍‌ର କୌଣସି ସଦସ୍ୟଙ୍କ ବିରୋଧରେ ପୂର୍ବରୁ କୌଣସି ଅପରାଧିକ ମାମଲା ନଥିଲା । ୩ମାସ ହେବ, ନୂଆ ଗ୍ୟାଙ୍ଗ୍ ଗଢ଼ିଥିଲେ । ସେମାନଙ୍କ ମଧ୍ୟରୁ ୪ଜଣ ଗୋଟିଏ ସାହିର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବାଇକ୍ ମେକାନିକ୍ । ଅନ୍ୟମାନେ ମଧ ବିଭିନ୍ନ ଗ୍ୟାରେଜ୍‌ରେ କାମ କରୁଥିଲେ । ପ୍ରଥମେ ସେମାନେ ବାଇକ୍ ଚୋରି କରିବା ଆରମ୍ଭ କରିଥିଲେ । ପରେ ସେମାନେ ସହର ଉପକଣ୍ଠ ଏବଂ ଚମାଖଣ୍ଡି ଓ ଛତ୍ରପୁର ଅଂଚଳରେ ସଂଘବଦ୍ଧ ଭାବେ ଡକାୟତି ଓ ଲୁଟ୍ କରୁଥିଲେ । ଏଥିପାଇଁ ଗୋଟିଏ ଖେଳନା ବନ୍ଧୁକ ଏବଂ ଗୋଟିଏ ଦେଶୀ ବନ୍ଧୁକ ବ୍ୟବହାର କରୁଥିଲେ । ଦେଶୀ ବନ୍ଧୁକ ସହ ୨ଟି ଗୁଳି ପୁଲିସ ଜବତ କରିଛି । ଏହି ବନ୍ଧୁକ କେଉଁଠାରୁ ଆଣିଥିଲେ, ସେନେଇ ପୁଲିସ ତଦନ୍ତ କରୁଛି । ଗତ ୧୧ତାରିଖରେ ପ୍ରଭୁପ୍ରସାଦ ବେହେରା ନାମକ ଜଣେବ୍ୟକ୍ତ ପ୍ରାତଃଭ୍ରମଣ କରୁଥିବା ବେଳେ ଖଜୁରିଆ ଢାବା ନିକଟ ଜାତୀୟ ରାଜପଥରେ ୬ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ । ଏକ ବନ୍ଧୁକ ଦେଖାଇ ମୁଦି ଛଡ଼ାଇ ନେବାକୁ ଉଦ୍ୟମ କରି ବିଫଳ ହୋଇଥିବା ବେଳେ ତାଙ୍କ ପକେଟ୍‌ରୁ ହଜାରେ ଟଙ୍କା ଲୁଟି ଫେରାର ହୋଇଯାଇଥିବା ନେଇ ଗୋସାଇଁ ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ କରିଥିଲା । ଶେଷରେ ଡକାୟତି ଗ୍ୟାଙ୍ଗର ୬ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ନେଇ ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

# ଜି-୨୦ ସାଂସ୍କୃତିକ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ ଆରମ୍ଭ: 'ସଂସ୍କୃତି ସମସ୍ତଙ୍କୁ ଏକାଠି କରିଛି'

ଭୁବନେଶ୍ୱର/ପୁରୀ , ୧୫/୦୫ (ନି.ପ୍ର): ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଓ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନଙ୍କୁ ନେଇ ରବିବାର ଦିନ ଭୁବନେଶ୍ୱରଠାରେ 'ଦ୍ୱିତୀୟ ସଂସ୍କୃତି କାର୍ଯ୍ୟଗୋଷ୍ଠୀ' ବୈଠକ ଆରମ୍ଭ ହୋଇଛି । ଏହି ବୈଠକରେ ଚାରିଟି ପ୍ରାଥମିକତା କ୍ଷେତ୍ର ଯଥା: ସାଂସ୍କୃତିକ ସମ୍ପତ୍ତିର ସଂରକ୍ଷଣ ଓ ପୁନଃପ୍ରତିଷ୍ଠା, ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ, ସଂସ୍କୃତି ଓ ସୃଜନଶୀଳ ଉଦ୍ୟୋଗ ଓ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଉପରେ ଧ୍ୟାନ ଦିଆଯିବ ।




ଜି-୨୦ କଲଚରାଲ୍ ୱାର୍କିଂ ଗ୍ରୁପ ମିଟିଂର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କିଷନ ରେଡ୍ଡୀ ପୁରୀ ଆସି ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳାକୁ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସହ କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ସଂସ୍କୃତି ମନ୍ତ୍ରାଳୟର ଯୁଗ୍ମ ସଚିବ ତଥା ସଂସ୍କୃତି କାର୍ଯ୍ୟଗୋଷ୍ଠୀର ସହ-ଅଧ୍ୟକ୍ଷ ଲିଲି ପାଣ୍ଡେୟ ଓ ଏସ୍‌ଆଇ ଡିଜି ପ୍ରଫେସର କେ କେ ବାସା ଉପସ୍ଥିତ ଥିଲେ । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ଶ୍ରୀ ରେଡ୍ଡୀ କହିଥିଲେ, ଏହା ସାରାବିଶ୍ୱକୁ ଏକ ପରିବାର ଭାବେ ବିବେଚନା କରିବା ଓ ପରିବେଶ ସ୍ଥାୟିତ୍ୱ ଉପରେ ଧ୍ୟାନକେନ୍ଦ୍ରିତ କରୁଛି । ଏହି ଅବସରରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳାରେ 'କଲଚର ୟୁନାଇଟ୍‌ସ ଅଲ୍' ବା 'ସଂସ୍କୃତି ସମସ୍ତଙ୍କୁ ଏକାଠି କରିଛି' ବାର୍ତ୍ତା ଦେଇଥିଲେ । ମନ୍ତ୍ରୀ ଶ୍ରୀ ରେଡ୍ଡୀ ବେଲୁନ ଉଡ଼ାଇ ବାଲୁକା କଳାକୁ ଉଦ୍‌ଘାଟନ କରିବା ସହ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କ ସହ ୟୁଏସ୍‌ଏ, ୟୁଏଇ, ରୁଷିଆ ଓ ମରିସସ୍ ଆଦି ଦେଶର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବିଦେଶାଗତ ଅତିଥିମାନଙ୍କ ପାଇଁ ଆଦିବାସୀ ଲୋକନୃତ୍ୟ ସିଙ୍ଗାରୀ ଓ ସମ୍ବଲପୁରୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏସବୁ କଳା ପରିବେଷଣ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବା ସହିତ ପାରମ୍ପରିକ କଳା ସ୍ୱରୂପକୁ ସଂରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକର ଅଂଶବିଶେଷ ସ୍ୱରୂପ 'ସଷ୍ଟେନ: ଦ କ୍ରାଫ୍ଟ ଇଡିଅମ' ଶୀର୍ଷକ ଏକ ପ୍ରଦର୍ଶନୀ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମି ପରିସରରେ ଆୟୋଜନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ଉଦ୍‌ଘାଟିତ ହେବ । ଉଲ୍ଲେଖଯୋଗ୍ୟ ଯେ ଦୁଇଦିନ ଧରି ଭୁବନେଶ୍ୱରେ ବ୍ୟାପକ ଆଲୋଚନା କରାଯିବା ପରେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ଆସନ୍ତା ଜୁଲାଇ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ହମ୍ପିରେ ଅନୁଷ୍ଠିତ ହେବ । ଶେଷରେ ବାରାଣସୀ ଠାରେ ଅଗଷ୍ଟ ୨୦୨୩ ଶେଷ ଭାଗରେ ଜି-୨୦ ସଂସ୍କୃତି ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହେବ ।

# ପୁଇଁତଲା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୫/୦୫ (ନି.ପ୍ର): ମଇମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁସାରେ ଆଜି ପୁଇଁତଲା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ , ବଲାଙ୍ଗୀର ଉପ –ଜିଲ୍ଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ପୁଇଁତଲା ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୪୨ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୩୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୦୭ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଭିନ୍ନକ୍ଷମ ଙ୍କୁ ବିବାହ ପ୍ରୋତ୍ସାହନ ଯୋଜନା ଜରିଆରେ ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମର ସଂଜୀବ କୁମାର ସାହୁ ଓ ସବ୍ୟା ସାହୁଙ୍କୁ ଏବଂ ଆଗଲପୁର ବ୍ଲକ ଅନ୍ତର୍ଗତ ରେଙ୍ଗାଲି, ବୁଦୁଲା ଗ୍ରାମର ହେମନ୍ତ କୁମାର ପଟେଲ ଓ ଶୁଶିଳା ପଟେଲଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ର ଚେକ ପ୍ରଦାନ କରାଯାଇଥିଲା । ମଧୁବାବୁ ପେନସନ ଯୋଜନା ଜରିଆରେ ୨ ଜଣ ହିତାଧିକାରୀ ଙ୍କୁ ବିଧବା ଭତା ମଞ୍ଜୁର କରାଯାଇଥିଲା । ସେହିପରି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଚିକିତ୍ସା ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ତୁଲଣ୍ଡି ଗ୍ରାମର ଭାଗ୍ୟସିନୀ ମିଶ୍ର ଓ ଆଗଲପୁର ବ୍ଲକ ଅନ୍ତର୍ଗତ ହଳଦୀପଦର, ବୁଦୁଲା ଗ୍ରାମର ସତ୍ୟବତୀ ନାଗଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।

# ଧ୍ୱଂସମୁଖରେ କାଏମ ବୌଦ୍ଧ କୀର୍ତ୍ତିରାଜି



ଧର୍ମଶାଳା, ୧୫/୦୫ (ନି.ପ୍ର): ଧର୍ମଶାଳା ବ୍ଲକ୍ କାଏମାର ପ୍ରସିଦ୍ଧ ବୌଦ୍ଧ କୀର୍ତ୍ତିରାଜି ଧ୍ୱଂସାଭିମୁଖୀ । ସଚେତନତା ଅଭାବରୁ ଏଠାରୁ ଆବିଷ୍କୃତ ବୌଦ୍ଧ ସ୍ମାରକୀ ଏବେ ଅସୁରକ୍ଷିତ । କେତେକ ଗଛଲତା ଭିତରେ ଲୁଚି ଗଲାଣି ତ ଆଉକିଛି ଭାଙ୍ଗିରୁଜି ମାଟିରେ ମିଶିଲାଣି । ଉପଯୁକ୍ତ ରକ୍ଷଣାବେକ୍ଷଣ କରାନଗଲେ ବହୁ ଦୁର୍ଲଭ କୀର୍ତ୍ତିରାଜି ନଷ୍ଟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି । ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମା ପାହାଡ଼ ପାଦଦେଶରେ ଅଶୋକଙ୍କ କଳିଙ୍ଗ ବିଜୟ ସମୟରେ ନିର୍ମିତ ପ୍ରସ୍ତର ଖୋଦିତ ଏକ ପୂର୍ଣ୍ଣାଙ୍ଗ ହସ୍ତୀ ପ୍ରତିମା ରହିଛି । ଯାହାର ନିମ୍ନଭାଗରେ ବ୍ରାହ୍ମୀ ଲିପିରେ 'ଗଜରାଜ' ଖୋଦିତ ହୋଇଛି । ନିକଟରେ ପଥର ବେଞ୍ଚ ରହିଥିବା ବେଳେ ଦକ୍ଷିଣ ପାର୍ଶ୍ୱରେ ଗୁମ୍ଫା ରହିଛି । ପାହାଡ଼ ଶୀର୍ଷ ଦେଶରେ ଭଗ୍ନସ୍ତୂପ ଅଛି । ହାତୀଟି ପାହାଡ଼ର ପୂର୍ବପଟ ପାଦଦେଶ ଓ ସମତଳ ସ୍ଥାନରେ ପୂର୍ବଦିଗକୁ ମୁହଁକରି ଠିଆ ହୋଇଛି । ଏହା ଏକ କନ୍ଦା ପଥରରେ ନିର୍ମିତ ହୋଇଛି । ଚତୁଃପାର୍ଶ୍ୱରେ କନ୍ଦା ପଥରରେ ନିର୍ମିତ ୪ଟି ସ୍ତମ୍ଭ ରହିଛି । ହାତୀକୁ ସୁରକ୍ଷା ଦେବାପାଇଁ ସ୍ତମ୍ଭ ଗୁଡ଼ିକର ଉପରି ଭାଗରେ ଖୋଦିତ ଖାଲୁଆ ଅଂଶରେ ବଲ୍‌ହା ପକାଯାଇ ଛପର କରାଯାଇଥିଲା । ଏହି ହାତୀଟି ବୁଦ୍ଧଦେବଙ୍କ ପ୍ରତୀକାତ୍ମକ ପ୍ରତିନିଧି ଭାବେ ଜଣାଶୁଣା । ଏହାର ପଛ ଗୋଡ଼ଦ୍ୱୟ ଆଗ ଗୋଡ଼ ଅପେକ୍ଷା ଛୋଟ ରହିଛି । ଆଗ ଗୋଡ଼ ଦ୍ୱୟ ଅଳ୍ପ ବକ୍ର ଅଛି । ହାତୀର ପଛପଟେ ଥିବା ପ୍ରସ୍ତରରେ ବ୍ରାହ୍ମୀଲିପିରେ ଶ୍ରୀ ଶ୍ରୀ ବୁଦ୍ଧ ଖୋଦିତ ହୋଇଛି । ହାତୀର ଉଚ୍ଚତା ୨ଫୁଟ ୭ଇଞ୍ଚ, ଲମ୍ବ ୪ଫୁଟ ୩ଇଞ୍ଚ, ଶୁଣ୍ଢର ଦୈର୍ଘ୍ୟ ୨ଫୁଟ, ଆଗ ଗୋଡ଼ର ଉଚ୍ଚତା ୧ଫୁଟ ୧୦ ଇଞ୍ଚ, ପଛ ଗୋଡ଼ର ଉଚ୍ଚତା ୧ ଫୁଟ ୧୦ ଇଞ୍ଚ, ଲାଙ୍ଗୁଡ଼ର ଲମ୍ବ ୨ଫୁଟ ଓ ଗୋଲେଇ ୬ ଫୁଟ ୭ଇଞ୍ଚ ରହିଛି । ହାତୀଠାରୁ ଅଳ୍ପ ଦୂରରେ ଅନେକ ପ୍ରସ୍ତର ବେଞ୍ଚ ନିର୍ମାଣ କରାଯାଇଛି । ଏଗୁଡ଼ିକ ବୌଦ୍ଧ ସନ୍ନ୍ୟାସୀଙ୍କ ବସିବା ଓ ଧ୍ୟାନ କରିବା ପାଇଁ ବ୍ୟବହାର କରାଯାଉଥିଲା । ସ୍ଥାନୀୟ ଲୋକେ ଏହାକୁ ହାତୀଆଶୁଣି ନାମରେ ପୂଜା କରି ଆସୁଛନ୍ତି । ହସ୍ତୀର ପଶ୍ଚିମକୁ ୧୦୦ ମିଟର ଦୂରରେ ଥିବା ଏକ ମସୃଣ ପ୍ରସ୍ତରରେ ଏକ ଦୀର୍ଘ ଶିଳାଲିପି ଖୋଦିତ ହୋଇଛି । କୋଲକାତା ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ ବି.ଏନ୍ ମୁଖାର୍ଜୀ ଏହାକୁ ପାଠକରି ଏଥିରେ ଶ୍ରୀ ଶ୍ରୀ ବୁଦ୍ଧ, ଗୋଗ୍ଗଲ–ରଦ୍ଧ–ଗୁରୁଗାଦିତ୍ୟ ଖୋଦିତ ହୋଇଥିବା ସୂଚନା ଦେଇଥିଲେ । କାଏମାର ବୌଦ୍ଧ କୀର୍ତ୍ତିରାଜି ସଂପର୍କରେ ୧୯୭୧ରେ ପ୍ରଥମେ ଧର୍ମଶାଳା ବ୍ଲକ୍ କାଏମା ଗ୍ରାମର ବିଶିଷ୍ଟ ବୌଦ୍ଧ ଗବେଷକ ସ୍ୱର୍ଗତ ଡ. ନୃସିଂହ ଚରଣ ସାହୁ ଗଣମାଧ୍ୟରେ ସୂଚନା ଦେଇଥିଲେ । ରାଜ୍ୟ ସଂସ୍କୃତି ବିଭାଗ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୨୦୦୪ରେ ଏହାର ପୁନରୁଦ୍ଧାର ଓ ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ପ୍ରାୟ ୧୫ବର୍ଷ ହେଲା ଏସବୁର ସୁରକ୍ଷା ପ୍ରତି ଆଉ ଦୃଷ୍ଟି ଦିଆଯାଉନାହିଁ । ସଚେତନତା ଅଭାବରୁ ସ୍ଥାନୀୟ ଲୋକମାନେ କୀର୍ତ୍ତିରାଜି ନିକଟରେ ମଇଳା କରୁଥିବାରୁ ଦୁର୍ଗନ୍ଧ ପରିବେଶ ସୃଷ୍ଟି କରିଛି । ରାଜ୍ୟ ସରକାର ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ଯତ୍ନବାନ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଓଡ଼ିଶା ଆଶାକର୍ମୀ ସଂଘର ଜିଲା ସମ୍ମିଳନୀ

ବାଲେଶ୍ୱର, ୧୫/୦୫ (ନି.ପ୍ର): ଭାରତୀୟ ମଜଦୁର ସଂଘ (ବିଏମଏସ) ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ଜିଲ ସମ୍ମିଳନୀ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ସୋମବାର ହୋଇଯାଇଛି । ବିଏମଏସର କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହନ୍ତ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହକ ଆଦାୟ ପାଇଁ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏନେଇ ସମସ୍ତେ ସଂଗଠିତ ହୋଇ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ସେ ପରାମର୍ଶ ଦେଇଥିଲେ । ବିଏମଏସର ରାଜ୍ୟ ସଭାପତି ଶ୍ରମିକ ନେତା ପୃଥ୍ୱୀରାଜ ପଣ୍ଡା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଶା କର୍ମୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ଓ ସଂଗଠନକୁ ମଜବୁତ କରିବା ସହ ବିଏମଏସ ଆଦର୍ଶକୁ ଅନୁସରଣ ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ୍ ଜଗଦେବ, ଏନଏଚଏମ ଜିଲା ପ୍ରକଳ୍ପ ପରିଚାଳକ ଅନୀଲ କୁମାର ମହାନ୍ତି, ବିଏମଏସ ଜିଲା ପ୍ରଭାରୀ ମନୋଜ ବସନ୍ତରାୟ, ଜିଲା ସମ୍ପାଦକ ଅରୂପ କୁମାର ନାୟକ, ଆଶାକର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଚ୍ଛାୟତ, ରାଜ୍ୟ ସଂଗଠନ ସମ୍ପାଦିକା କୁମମଣି ଦେଇ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଶାକର୍ମୀଙ୍କ ନିଷ୍ଠାପର କାର୍ଯ୍ୟଧାରା ଯୋଗୁଁ ସାମ୍ପ୍ରତିକ ସ୍ଥିତିରେ ସମାଜର ଶିଶୁ ଓ ମାତୃମୃତ୍ୟୁ ହାର ହ୍ରାସ ପାଇଛି ବୋଲି କହିଥିଲେ । ଏହା ସତ୍ତ୍ୱେ ସେମାନଙ୍କ ସମସ୍ୟା ସମାଧାନକୁ ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ସଂଗଠନର ଜିଲା ସଭାପତି ହରପ୍ରିୟା ପାଢ଼ୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦିକା ଜାନକୀ ରାଉଳ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣଲତା ବିଶ୍ୱାଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂଗଠନର ନୂତନ ଜିଲା କମିଟି ଗଠନ କରାଯାଇଥିଲା । ଏହି କମିଟିରେ ହରପ୍ରିୟା ପାଢ଼ୀ ଜିଲା ସଭାପତି, ସ୍ୱର୍ଣ୍ଣଲତା ବିଶ୍ୱାଳ କାର୍ଯ୍ୟକାରୀ ସଭାପତି, କଳ୍ପଲତା ଦାଶ, ସୀତାରାଣୀ ଦାସ ଓ ମୀରା ପଲେଇ ଉପ-ସଭାପତି ଏବଂ ଜାନକୀ ରାଉଳ ସମ୍ପାଦିକା, କଳ୍ପନା ମିଶ୍ର ସହ-ସମ୍ପାଦିକା, ସନ୍ଧ୍ୟା ସାହାଣୀ ସଂଗଠନ ସମ୍ପାଦିକା ଏବଂ କୋଷାଧକ୍ଷା ଅପର୍ଣ୍ଣା ପରିଡ଼ାଙ୍କ ସମେତ ୧୫ ଜଣ କାର୍ଯ୍ୟକାରିଣୀ ସଦସ୍ୟା ମନୋନୀତ କରାଯାଇଛି ।

# କେଲାପରାରେ ମଦ ଦୋକାନ ବନ୍ଦ ଦାବିରେ ତାତିଲେ ମହିଳା

କନ୍ଧମାଳ , ୧୫/୦୫ (ନି.ପ୍ର): ଫିରିଙ୍ଗିଆ, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଲାପଡା ପଂଚାୟତ ବୈରିକୁମ୍ପା ଠାରେ ଥିବା ସରକାରୀ ସ୍ୱିକୃତି ପ୍ରାପ୍ତ ମଦ ଦୋକାନ ବନ୍ଦ ପ୍ରତିବାଦରେ ରେ ଅଂଚଳର ମହିଳା ମାନେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଶତାଧିକ ମହିଳା ଓ ଅଂଚଳର ଜନସାଧାରଣ କେଲାପଡା ପଂଚାୟତ କାର୍ଯ୍ୟାଳୟ ରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମଦ ଦୋକାନ ପାଖରେ ପହଂଚି ପ୍ରତିବାଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତେବେ ଏହି ମଦ ଦୋକାନ ପାଇଁ କେଲାପଡା ଅଂଚଳରେ ଦିର୍ଘଦିନ ଧରି ବିରୋଧ ଲାଗିରହିଥିବା ବେଳେ ମଦ ଦୋକାନ କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଓ ନବିକରଣ ବନ୍ଦ କରିବା ପାଇଁ ପଂଚାୟତ କାର୍ଯ୍ୟାଳୟ ରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ମଧ ଅନୁଷ୍ଠିତ ହୋଇଥିଲା । ଅଂଚଳର ମହିଳା ସଂଗଠନ ମାନଙ୍କ ସହ କେଲାପଡା ଓ ଭୃଙ୍ଗିଯୋଡି ପଂଚାୟତର ସରପଂଚ ମାନେ ମଧ ଅବକାରୀ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ବହୁବାର ଲିଖିତ ଭାବରେ ଜଣେଇଥିଲେ । ଏହା ସହ ଏହି ମଦ ଦୋକାନ କୁ ବନ୍ଦ କରିବା ପାଇଁ କେଲାପଡା ସରପଂଚ ଏକ ପିଟିସନ ମଧ ଦାୟାର କରିଥିଲେ । କିନ୍ତୁ କନ୍ଧମାଳ ଜିଲ୍ଲା ପ୍ରଶାସନ ଏହାକୁ ମଧ ବେଖାତିର କରିବା ସହ ଅଂଚଳ ର ଜଣେ ଆଦିବାସୀ ମହିଳା ସରପଂଚଙ୍କ ଅନୁରୋଧ ସହ ପଂଚାୟତରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ଗ୍ରାମ ସଭାର ରିପୋର୍ଟକୁ ମଧ ବେଖାତିର କରି ମଦ ଦୋକାନ ମାଲିକଙ୍କ ସହ ସଲାସୁତରା କରି ଲାଇସେନ୍ସକୁ ନବିକରଣ କରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଂଚ ସ୍ୱର୍ଣ୍ଣଲତା ପ୍ରଧାନ ଓ ଆନ୍ଦୋଳନକାରୀ ମହିଳାମାନେ । ଅନ୍ୟ ପଟେ ଆଗାମୀ ଦିନରେ ପ୍ରଶାସନ ଏହି ମଦ ଦୋକାନ କୁ ବନ୍ଦ ନ କରନ୍ତି ତାହାହେଲେ ଆନ୍ଦୋଳନକୁ ତୀବ୍ରତର କରିବା ସହ ଅଂଚଳର ମହିଳା ସଘଠନିକ ମାନେ ରାଜ ରାସ୍ତା କୁ ଓହ୍ଲାଇବା ପାଇଁ ବାଧ ହେବେ ଓ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତାହା ହେଲେ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଆନ୍ଦୋଳନ କାରୀ ମାନେ ଚେତାବନୀ ଦେଇଛନ୍ତି । ତେବେ ଦିର୍ଘ ତିନି ବର୍ଷ ଧରି ଏହି ମଦ ଦୋକାନ ଟି କେଲାପଡା ଠାରୁ ଭୃଙ୍ଗିଯୋଡି ରାସ୍ତା ର ବୈରିକୁମ୍ପା ଠାରେ ଏହି ମଦ ଦୋକାନ ସ୍ଥାପନ କରାଯାଇଥିବା ବେଳେ ଏହି କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ ସାରଙ୍ଗଡ ଗାଁ ର ସନ୍ତୋଷ ପାଣିଗ୍ରାହୀଙ୍କ ନା ରେ ରହିଛି । ମଦ ଦୋକାନ ହେବା ଦ୍ୱାରା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବଢି ଚାଲିଥିବା ବେଳେ ସଡ଼କ ଦୁର୍ଘଟଣା, ଚୋରି, ରାହାଜାନୀ, ଡକାୟତି ଭଳି କାର୍ଯ୍ୟ କଳାପ ବଢ଼ି ବଢ଼ି ଚାଲିଛି ଜାହା ପାଇଁ ଯାହା ପାଇଁ ଏହି ମଦ ଦୋକାନ କୁ ନେଇ ସ୍ଥାନୀୟ ଅଂଚଳରେ ଜନ ଅସନ୍ତୋଷ ଦେଖାଦେଇଛି । ଅନ୍ୟପଟେ ଏହି ଘଟଣାକୁ ବିଷୟ ରେ ଜିଲ୍ଲା ଅବକାରୀ ଅଧକ୍ଷ ପ୍ରବୀର କୁମାର ସାମଲଙ୍କୁ ପଚାରିବାରୁ ପଂଚାୟତ କାର୍ଯ୍ୟାଳୟ ତରଫରୁ ଆସିଥିବା ଗ୍ରାମ ସଭା ରିପୋର୍ଟ କୋରମ ହୋଇନଥିବା ଯୋଗୁଁ ସମ୍ପୃକ୍ତ ମଦ ଦୋକାନ କୁ ପୁଣିଥରେ ସରକାର ନବିକରଣ ପାଇଁ ଆଦେଶ ଦେଇଥିବା କହିଛନ୍ତି । ତେବେ କେଲାପଡା ସରପଂଚ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଶାନ୍ତି ପୂର୍ଣ୍ଣ ଶୋଭା ଯାତ୍ରା ରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ନିଶାମୁକ୍ତ ଅଭିଯାନର ଆବାହକ ସୁଧିର କୁମାର ସାହୁ, କେଲାପଡା ପଂଚାୟତର ସମିତି ସଭ୍ୟ ବୈରାଗୀ କହଁର,କୁଇ ନେତା ତଥା ପୂର୍ବତନ ସରପଂଚ ମହେଶ୍ୱର କହଁର, ସମାଜ ସେବୀ ଅକ୍ଷୟ କୁମାର ନାୟକ, ସମାଜ ସେବୀ ଭ୍ରମର ନାୟକ, କେଲାପଡା ପଂଚାୟତ ର ପୂର୍ବତନ ସମିତି ସଭ୍ୟ ଦୁଃଖି ନାୟକ, ସାରଙ୍ଗଡ ପଂଚାୟତ ପୂର୍ବତନ ସରପଂଚ ତଥା କୁଇ ସମାଜ ସଭାପତି ଦିନବନ୍ଧୁ ପ୍ରଧାନ, କେଲାପଡା ଅଂଚଳର ଜଣା ଶୁଣା ସମାଜ ଶେବି ଇଶ୍ୱର ବେହେରା, ମହିଳା ମହା ସଂଘ ସମ୍ପାଦିକା ସୁଯୋତା କହଁର ଙ୍କ ସହ ଦୁଇ ଗୋଟି ପଂଚାୟତ ର ସ୍ୱୟଂ ସହାୟକ ଗୋଷ୍ଠୀ ଶହ ଶହ ମହିଳା ଓ ସ୍ଥାନୀୟ ଜନସାଧାରଣ ସାମିଲ ଥିଲେ । ଅନ୍ୟ ପଟେ କନ୍ଧମାଳ ଜିଲ୍ଲାପାଳଙ୍କ କେଲାପଡା ପଂଚାୟତ ପ୍ରତି ବୈମାତୃକ ମନୋଭାବ ଓ ଜଣେ ଆଦିବାସୀ ମହିଳା ସରପଂଚଙ୍କ ଅନୁରୋଧ ଓ ସ୍ୱତନ୍ତ୍ର ଗ୍ରାମ ସଭାରେ ପାସ ହୋଇଥିବା ପତ୍ର କୁ ବ୍ୱୋତିର କରିବା ଘଟଣାକୁ ନାପସନ୍ଦ କରିଛନ୍ତି ସ୍ଥାନୀୟ ଜନସାଧାରଣ ଓ ସ୍ଥାନୀୟ ଜନ ପ୍ରତିନିଧି ।

# ଝାରସୁଗୁଡ଼ାରେ ଓଡ଼ିଶା ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେ ଆସନ୍ତା ମେ ୧୬ରୁ

ଝାରସୁଗୁଡ଼ା, ୧୫/୦୫ (ନି.ପ୍ର): ଜିଲ୍ଲାରେ ଓଡ଼ିଶା ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି(ଏସ୍‌ଇବିସି) ସର୍ଭେ ଆସନ୍ତା ମେ' ୧୬ରୁ ୧୧ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏସ୍‌ଇବିସି ସର୍ଭେ ଗତ ମେ' ୧ତାରିଖରୁ ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡ଼ାରେ ଉପନିର୍ବାଚନ ପରିପ୍ରେକ୍ଷୀରେ ଏହି ସର୍ଭେ ସ୍ଥଗିତ ରଖା ଯାଇଥିଲା । ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଂଚଳରେ ସଚେତନତା ରଥ ପରିଭ୍ରମଣ କରିବ । ଜିଲ୍ଲାରେ ୩୭୭ଟି ସର୍ଭେ ସେଂଟର ସ୍ଥିର କରାଯାଇଛି । ୩୯୪ଜଣ ଏନୁମୁରେଟର ଓ ୪୦ଜଣ ସୁପରଭାଇଜରଙ୍କୁ ଏଥି ସକାଶେ ନିୟୋଜିତ କରାଯାଇଛି । ସର୍ଭେ ମାଧ୍ୟମରେ ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତଥ୍ୟ ଗ୍ରହଣ କରାଯିବ । ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗର ଲୋକଙ୍କ ପାଇଁ ସର୍ଭେ ଉଦ୍ଦିଷ୍ଟ । ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ/ସଦସ୍ୟା ପରିବାରର ସମସ୍ତ ତଥ୍ୟ ସର୍ଭେ ସେଣ୍ଟରରେ ପ୍ରଦାନ କରିପାରିବେ । ସର୍ଭେ ସକାଶେ ପରିବାରର ରାସନ କାର୍ଡ ସହ ସମସ୍ତ ସଦସ୍ୟଙ୍କର ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ କିମ୍ବା ଭୋଟର ପରିଚୟ ପତ୍ର ବା ପ୍ୟାନ କାର୍ଡ ନଚେତ ପାସପୋର୍ଟ ଆବଶ୍ୟକ । ରାସନ କାର୍ଡ ନଥିବା ପଛୁଆ ବର୍ଗ ପରିବାର ସଦସ୍ୟ ମଧ ସର୍ଭେ ସେଣ୍ଟରରେ ତଥ୍ୟ ପ୍ରଦାନ କରିପାରିବେ । ଅନଲାଇନ(ଙ୍ଗଙ୍ଗଙ୍ଗ. ଝ୍ବମଭମ.ଝ୍ୟସଵ୍ବଷବ.ଶଝ୍ଙ୍ଗ.ସଭ)ରେ ବିନା ମୂଲ୍ୟରେ ମଧ ଫର୍ମ ପୂରଣ କରାଯାଇପାରିବ । ''ମୋ ସେବାକେନ୍ଦ୍ର''ରେ ସ୍ଥିରୀକୃତ ଦେୟ ପ୍ରଦାନ କରି ଅନଲାଇନରେ ଫର୍ମ ପୂରଣ କରି ହେବ । ସର୍ଭେ ସେଣ୍ଟର କିମ୍ବା ଅନଲାଇନ ଯେ କୌଣସି ଗୋଟିଏ ମାଧ୍ୟମରେ ଫର୍ମ ପୂରଣ କରାଯାଇପାରିବ । ସର୍ଭେ ସେଣ୍ଟର ସମ୍ପର୍କରେ ଖାଉଟି ସାମଗ୍ରୀ ବଂଟନ କେନ୍ଦ୍ର କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ସୂଚନା ଉପଲବ୍ଧ । ସଚେତନତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଜଗଦୀଶ ଚନ୍ଦ୍ର ମେହେର, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

୩୦ ବର୍ଷ ପରେ

# ବଦଳାନ୍ତୁ ଖାଦ୍ୟାଭ୍ୟାସ

ବୟସ ୩୦ ବର୍ଷ ଛୁଇଁଲେ ଆମ ଶାରୀରରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ତେଣୁ ଏହି ସମୟରେ ଖାଦ୍ୟପାନୀୟ ଉପରୋ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ଯଦି ଆପଣ ସାସ୍ଥ୍ୟକର ଖାଦ୍ୟ ଖାଆନ୍ତି, ତେବେ ବୃକକ୍, ଯକୃତ, ହୃଦୟ, ହାଡ଼, ମାଂସପେଶୀ ଓ ମସ୍ତିଷ୍କ ଆଦି ଦୀର୍ଘ ଦିନ ଯାଏ ସୁସ୍ଥ ରହିବା । କିନ୍ତୁ ସାମାନ୍ୟ ଅବହେଳା ଯୋଗୁ ଆଜିର ଯୁବବର୍ଗ କମ ବୟସରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ତେବେ ଆସନ୍ତୁ ଜାଣିବା ୩୦ ବର୍ଷ ପରେ କେଉଁ ସବୁ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ ।



କମ ବୟସରେ ମୋଟାପଣ, ହୃଦଘାତ, ମଧୁମେହ, କର୍କଟ ଓ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏସବୁ ସମସ୍ୟାଠାରୁ ଦୂରେଇ ସୁସ୍ଥ ଓ ଦୀର୍ଘ ଜୀବନ ଜୀଇବାକୁ ହେଲେ ୩୦ ବର୍ଷ ପରେ ନିଜର ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ୩୦ ବର୍ଷ କିଛି ଖାଦ୍ୟଠାରୁ ଦୂରେଇ ରହିବା ଜରୁରି ଓ କ'ଣ ଖାଇବା ଆବଶ୍ୟକ । ଏହାସବୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନ ।

## ଚିନି, ମିଠାଜାତୀୟ ଖାଦ୍ୟ :

ବୟସ ୩୦ ଛୁଇଁବା ମାତ୍ରେ ଯଥା ସମ୍ଭବ ଚିନି ସମ୍ପୂର୍ଣ୍ଣ ଛାଡ଼ି ଦେବା ଆବଶ୍ୟକ । ଚିନିର ବିକଳ୍ପ ଭାବେ ଗୁଡ ବ୍ୟବହାର କରିପାରିବେ । ସେହିପରି ମିଠା, ଚକୋଲେଟ୍, ଥଣ୍ଡା ପାନୀୟ ଆଦିରେ ବହୁ ମାତ୍ରାରେ ଚିନି ରହିଥାଏ । ତେଣୁ ଏହାର ବ୍ୟବହାର କମ କରିବା ଜରୁରି । ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ିଥାଏ । ଯାହା ଫଳରେ ମଧୁମେହ ବଢ଼ିଥାଏ । ଏହା ବ୍ୟତୀତ ମୋଟାପଣ ଓ ହାଡ଼ ସମସ୍ୟା ଦେଖା ଦେଇଥାଏ ।

## ଚା' ଓ କଫି କମ ପିଅନ୍ତୁ :

ପ୍ରାୟତଃ ଏହି ବୟସରେ ପହଞ୍ଚିବା ପରେ ଚା' ବା କଫିର ନିଶା ଧରିଯାଏ । ଚା' ଓ କଫିରେ କ୍ୟାଫିନ ରହିଥାଏ । ତେଣୁ ଦୀର୍ଘ ଦିନ ଧରି ପିଇବା ଦ୍ୱାରା ଅଭ୍ୟାସରେ ପଡ଼ିଯାଏ, ଯାହା ଶରୀର ଉପରେ କୁପ୍ରଭାବ ପକାଇଥାଏ । ସେହିପରି ଦୁଗ୍ଧ ଚା' ମଧ ବେଶ୍ କ୍ଷତିକାରକ । ଦୁଗ୍ଧ ଚାର' ପରିବର୍ତ୍ତେ ଗ୍ରୀନ ଟି' ବା ଲେମନ ଟି' ନେବା ଆବଶ୍ୟକ । ଦିନକୁ ୨ଥରରୁ ଅଧିକ ଚା' ପିଇବା ଅନୁଚିତ୍ । ଅଧିକ ଚା' ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ, ମାଇଗ୍ରେନ, ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ ଓ ବଦହଜମୀ ଆଦି ଦେଖା ଦେଇଥାଏ ।



## ବାହାର ଖାଦ୍ୟ କମାନ୍ତୁ :



ପ୍ରାୟଲୋକଙ୍କୁ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ବେଶି ସୁଆଦିଆ ଲାଗିଥାଏ । କିନ୍ତୁ ବାସ୍ତବତା ହେଲା ବାହାର ମିଳୁଥିବା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ରେସ୍ତୋଁରା ମିଳୁଥିବା ଖାଦ୍ୟରେ ଅଧିକ ତେଲ ମସଲା ଓ କେମିକାଲ ଯୁକ୍ତ ଫ୍ଲେବର ବ୍ୟବହାର କରାଯାଇଥା, । ତେଣୁ ୩୦ ବର୍ଷ ହେବା ପରେ ବାହାରର ଏହି ସବୁ ଖାଦ୍ୟ ଖାଇବା କମ କରି ଦେବା ବହୁତ ଜରୁରି । ବରଂ ଘରେ ତିଆରି ଖାଦ୍ୟ ପ୍ରତି ଗୁରୁତ୍ୱ ବଢ଼ାଇବା ଦରକାରୀ ଯାହା ଫଳରେ କର୍କଟ ଓ କୋଲେଷ୍ଟେରଲ ବଢ଼ିବାର ସମ୍ଭାବନା କମ ରହିଥାଏ ।

## ମଦ୍ୟପାନ ଆଦୌ ନୁହେଁ :

ବୟସ ୩୦ ଟପିଲେ ଆପଣ ଘର ଓ କର୍ମକ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ ହୋଇପଡ଼ନ୍ତି । ଏହି ବୟସରେ ମାନସିକ ଚାପ ଓ ଚିନ୍ତାଠାରୁ ଦୂରେଇବାକୁ ଯାଇ ବହୁ ଲୋକ ମଦ୍ୟପାନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଜାଣନ୍ତି ୩୦ ବର୍ଷ ପରେ କିଡନୀ ଓ ଲିଭରର କ୍ଷମତା ଧୀରେ ଧୀରେ କମ ହୋଇଥାଏ । ତେଣୁ ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆବଶ୍ୟକ । ନଚେତ ମଦ୍ୟପାନ କରିବା ଦ୍ୱାରା ଆପରଙ୍କ ଲିଭର ଓ କିଡନୀ ଖରାପ ହେବାର ସମ୍ଭାବନା ବଢ଼ିଯାଇଥାଏ । କେବଳ ସେତିକି ନୁହେଁ, ମଦ୍ୟପାନ ମୋଟାପଣ, ମଧୁମେହ ଓ ଅନ୍ୟ କେତେକ ରୋଗକୁ ମଧ ଡାକି ଆଣିଥାଏ ।

## ଶରୀରରେ ଫାଇବରର ମାତ୍ରା ବଢ଼ାନ୍ତୁ :

ଯଦି ୩୦ ବର୍ଷ ପରେ ଆପଣ ସୁସ୍ଥ ଅଛନ୍ତି, ତେବେ ଖାଦ୍ୟରେ ଏତେଟା ନିୟନ୍ତ୍ରଣ ଆବଶ୍ୟକ ହୋଇ ନଥାଏ । କିନ୍ତୁ ସାମାନ୍ୟତମ ନିୟମନ୍ତ୍ରଣରେ ରହିଲେ ଆହୁରି ଅଧିକ ଦିନ ସୁସ୍ଥ ରହିପାରିବେ । ତେଣୁ ବୟସ ଅନୁସାରେ ଖାଦ୍ୟରେ ପରିବର୍ତ୍ତନ ଆଣିବା ଜରୁରି । ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ଦରକାର । ସତେଜ ପନିପରିବା, ଶାଗ ଓ ବିଭିନ୍ନ ରଙ୍ଗର ପରିବା ଖାଇବା ଆବଶ୍ୟକ । ପୂର୍ବରୁ ଖାଉଥିବା କର୍ବୋହାଇଡ୍ରେଟର ମାତ୍ରାକୁ କମ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର । ସେହିପରି ସାଚ୍ୟୁରେଟେଡ୍ ଫ୍ୟାଟ୍ ଓ ତେଲ ଯଥାସମ୍ଭବ କମ ବ୍ୟବହାର କରିବା ଭଲ । ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ । ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ । ମିକ୍ସ ଅଟା ଅର୍ଥାତ୍ ମକା, ବାହାର ଓ ଚଣାର ସମିଶ୍ରଣ ।

## ଆମିଷ କମ୍ ଖାଆନ୍ତୁ :

ଯଦି ଆପଣ ଆମିଷ ଖାଇବାକୁ ପସନ୍ଦ କରୁଥାନ୍ତି, ତେବେ ୩୦ ବର୍ଷ ପରେ ଏହି ମାତ୍ରାକୁ ସାମାନ୍ୟ କମ କରିବା ଦରକାର । କାରଣ ମାଂସ ଖୁବ ବଗରିଷ୍ଠ ଖାନ୍ୟ, ଯାହାକୁ ହଜମ କରିବା ଖୁବ କଷ୍ଟ ସେହିପରି ରେଡ୍ ମିଟ୍ ଓ ପ୍ରୋସେସ ମିଟ୍ ଅଧିକ ଖାଇବା ଦ୍ୱାରା କେତେକ ରୋଗର ସମ୍ଭାବନା ବଢ଼ିଥା, । କିନ୍ତୁ ମାଛ ଖାଇପାରିବେ । ଏହି ବୟସରେ ଅଧିକରୁ ଅଧିକ ପନିପରିବା, ଫଳମୂଳ ଓ ଡ୍ରାଏଫ୍ରୁଟ୍ସ ଆଦି ଖାଇବା ଜରୁରି ।

## କଫି କ୍ରୀମର

ଆମ ମାନଙ୍କ ଧାରଣା ରହିଛି ଯେ କଫି କ୍ରୀମ ଖୁବ ସାଧାରଣ ଜିନିଷ । ମାତ୍ର ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ ଏବଂ ଅଲଟ୍ରାଭାଓଲେଟ୍ ରେଡିଏସନ ବ୍ଲକର ରହିଛି । କଫି କ୍ରିମ ଆମ ଲିଭର ଓ ଟିସୁକୁ ପଷ୍ଟ କରିବାରେ ସହଯୋଗ କରିଥାଏ । ଏହା ଟ୍ରାନ୍ସ ଫ୍ୟାଟ୍ ସହିତ ପ୍ୟାକ୍ କରାଯାଇଥାଏ । ଯେଉଁଥିରେ ହାଇଡ୍ରେଜେନଡ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ ବୟସ୍କଙ୍କଠାରେ ସ୍ମୃତି ଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ ।

## ବିଶେଷ ଧ୍ୟାନ ଦିଅନ୍ତୁ

କୁହାଯାଏ କ୍ଷୀର ଶରୀର ପାଇଁ ବହୁତ ଜରୁରି କିନ୍ତୁ ୩୦ ବର୍ଷ ପରେ ପ୍ୟାକେଟ କ୍ଷୀର ଓ କ୍ଷୀରରୁ ତିଆରି ଅନ୍ୟ ଖାଦ୍ୟ ସମାଗ୍ରୀ ଯଥା ପନୀର, ଦହି, ଆଦି ଖାଇବା କମ କରିବା ଦରକାର । କ୍ୟାଲସିୟମର ଅଧିକ ଫଳ ଓ ପନିପରିବା ଖାଇବା ଆବଶ୍ୟକ ।

## ମହିଳାଙ୍କ ଡାଏଟ୍:

୩୦ବର୍ଷ ପରେ ମହିଳାମାନେ ବିଶେଷ କରି ଡାଏଟ୍ ପ୍ଲାନକ୍ଷେତ୍ରରେ ବେଶି ଯତ୍ନଶୀଳ ହେବା ଉଚିତ । କାରଣ ଏହି ବୟସରେ ମହିଳାମାନେ ସୁସ୍ଥ ରହିବା ସହ ମୋଟା ହେବାରୁ ନିଜକୁ ରକ୍ଷା କରିବା ଆବଶ୍ୟକ । ତେଣୁ ସେମାନେ ଡାଏଟର କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରି ।

## ମଇଦାଠାରୁ ଦୂରାନ୍ତୁ :

ବୟସ ୩୦ ଟପିଲେ ମଇଦା ତିଆରି ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ । ଆଜିକାଲି ବଜାରରେ ମିଳୁଥିବା ଅଧିକାଂଶ ଖାଦ୍ୟ ମଇଦାରେ ପ୍ରସ୍ତୁତ ହୋଇଥା, । ଯାହା ହଜମ ହେବା ସହଜ ହୋଇ ନଥାଏ । ସେହିପରି ଭାରତର ଅଧିକାଂଶ ଭାଗରେ ରୁଟି ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣୀୟ । ଏପରିକି ଆପଣଙ୍କ ଘରେ ମଧ ରୁଟି ବ୍ୟବହାର କରୁଥିବେ । ମାତ୍ର ଖାଲି ଅଟା ପରିବର୍ତ୍ତେ ମିକ୍ସ ଅଟାର ବ୍ୟବହାର କରିବା ଭଲ । ମିକ୍ସ ଅଟା ଅର୍ଥାତ୍ ମକା, ବାଜରା ଓ ଚଣାର ସମିଶ୍ରଣ । ମିକ୍ସ ଅଟା ଖାଇବା ଦ୍ୱାରା ମଧୁମେହ ଓ ମୋଟାପଣ ସମସ୍ୟା କମ ହୋଇଥାଏ ।

## ସୁଗାର ଫ୍ରି ଖାଦ୍ୟ :

ବୟସ ୩୦ ହେବା ବେଳକୁ ପ୍ରାୟ ଲୋକ ସାମାନ୍ୟଠାରୁ ଟିକେ ମୋଟା ହୋଇଯାଇଥାନ୍ତି । ଏହା ହୁଏତ ଆପଣଙ୍କ ଲିଭର ଠିକ୍ ଭାବରେ କାମ କରୁନଥିବାର ସଙ୍କେତ ହୋଇପାରେ । ତେଣୁ ଏହି ସମୟରେ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ରଖିବା ପାଇଁ କୃତ୍ରିମ ମିଠା ଭଳି ବିଷାକ୍ତ ପଦାର୍ଥଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନକଲି ମିଠା ଖାଦ୍ୟ ଠାରୁ ଦୂରେଇବା ଜରୁରି । ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।

# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ । ଏପରି ହେଲେ ପିତତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି। ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

# ଗୋଲଘରର କାହାଣୀ

ଭାରତ ଉପରେ ଇଂରେଜମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ଏ ସମୟରେ ଭାରତ ଯେଉଁଠି ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିଥିଲା, ସେଠାରେ ଇଂରେଜମାନେ କିଛି ଐତିହାସିକ କାର୍ଯ୍ୟ କରିଥିଲେ । ଏମିତି ଏକ କାର୍ଯ୍ୟର ଉଦାହରଣ ରହିଛି ବିହାରର ପାଟନା ସହରରେ । ଏଠାରେ ତତ୍କାଳୀନ ବ୍ରିଟିଶ ସରକାର ୧୭୭୦ରେ ପଡ଼ିଥିବା ଭୟଙ୍କର ଅକାଳରୁ ରକ୍ଷା ପାଇବାକୁ ଏକ ଗୋଲଘରର ନିର୍ମାଣ କରିଥିଲେ । ଏହି ଗୋଲଘର ନିର୍ମାଣ ସେତେବେଳେହୋଇଥିଲା ଯେତେବେଳେ ଭାରତରେ ଲକ୍ଷ ଲକ୍ଷ ନାଗରିକ ଭୟାନକ ମରୁଡ଼ିର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଥିଲେ । ୨୯ ମିଟର ଉଚ୍ଚ ଏହି ଗୋଲଘରର ନିର୍ମାଣ ଗଭର୍ଣ୍ଣର ଜେନେରାଲ ୱାରେନ ହାଷ୍ଟିଙ୍ଗସଙ୍କ ନିର୍ଦ୍ଦୋଷରେ କ୍ୟାପଟେନ ଜନ ଗାର୍ଷ୍ଟିନ କରିଥିଲେ । ଏହାର ନିର୍ମାଣ ୧୭୮୪ରେ ଆରମ୍ଭ ହୋଇ ୧୭୮୬ରେ ଶେଷ ହୋଇଥିଲା ।

# ୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା-- ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରେ। ଏହି ଅଧନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା। ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ ଜଣାପଡ଼ିଲା । ଅଧନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

# ମହିଳାଙ୍କ ଅଭିଶାପ କାରଣରୁ କୌଣସି ଘରେ ନାହିଁ ଦ୍ୱିତୀୟ ମହଲା




ରାଜସ୍ଥାନର ଚୁରୁସ୍ଥିତ ଉହସ୍ରର ନାମକ ଏକ ଗାଁ ଯାହା ଆଜି ବି ଚର୍ଚ୍ଚାରେ । ବଡ଼କଥା ହେଉଛି ଏହି ଗାଁ ରେ କୌଣସି ବ୍ୟକ୍ତିଙ୍କର ଘରେ ଦ୍ୱିତୀୟ ମହଲା ନାହିଁ । ଆଉ ଏହା ପଛର କାରଣ ହେଉଛି ଜଣେ ମହିଳାଙ୍କ ଅଭିଶାପ । ୭୦୦ ବର୍ଷ ପୁରୁଣା ଏହି ଗାଁକୁ ଆଜି ବି ବାହର ରାଜ୍ୟର ଲୋକେ ବୁଲିବାକୁ ଆସିଥାନ୍ତି । ସୂଚନା ଅନୁସାରେ ୭୦୦ବର୍ଷ ତଳେ ଏହି ଗାଁରେ ଭୋମିୟା ନାକ ଜଣେ ବ୍ୟକ୍ତି ରହୁଥିଲେ । ଥରେ ଗାଁ କୁ କିଛି ଚୋର ପ୍ରବେଶ କରି ପଶୁମାନଙ୍କୁ ଚୋରି କରିବା ଆମ୍ଭ କରିଥିଲେ । ଭୋମିୟା ଏହି ଚୋର ମାନଙ୍କୁ ରୋକିବାର ଚେଷ୍ଟା କରି ଗୁରୁତର ଆହତ ହୋଇଥିଲେ । ପରେ ସେ ଲୁଚି ନିଜ ଶଶୁର ଘରକୁ ପଳାଇଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଇଥିଲେ । ଯେତେବେଳେ ଏହି ଚୋରମାନେ ତାଙ୍କ ଶଶୁର ଘରେ ପହଞ୍ଚି ଅନ୍ୟମାନଙ୍କୁ ପିଟିବା ଆରମ୍ଭ କଲେ ସେତେବେଳେ ଶଶୂର ଘର ଲୋକେ ଭୋମିୟା ଉପରମହଲାରେ ଥିବା କହିଥିଲେ । ଚୋରମାନେ ଭୋମିୟାଙ୍କ ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲେ । ଭୋମିୟା ହାର ମାନିଥିଲେ କଟାମୁଣ୍ଡକୁ ଧରି ସେ ଉଡସର ଗ୍ରାମକୁ ଆସିଥିଲେ । ଆଉ ଗ୍ରାମରେ ତାଙ୍କର ମୃତ୍ୟୁ ହୋଇଥିଲା । ଭୋମିୟାଙ୍କ ପତ୍ନୀ ଏହାପରେ ଗ୍ରାମକୁ ଅଭିଶାପ ଦେଇ କହିଥିଲେ ଯେ, ଆଜିଠାରୁ ଗ୍ରାମରେ କୌଣସି ବ୍ୟକ୍ତି ନିଜ ଘରେ ଦ୍ୱିତୀୟ ମହଲା କରିବେ ନାହିଁ । ପରେ ସେ ସତୀ ହୋଇଯାଇଥିଲେ । ସେବେଠାରୁ ଆଜିପର୍ଯ୍ୟନ୍ତ ଗ୍ରାମରେ କେହି ଦ୍ୱିତୀୟ ମହଲା କରିନାହାଁନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ମଇ ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମ୍ଭାବନା କ୍ଷୀଣ....

ଏକ କଂଗ୍ରେସ ମୁକ୍ତ ଭାରତ- ଭାରତୀୟ ଜନତା ପାର୍ଟିର ଏ ସ୍ୱପ୍ନ ଦିବାସ୍ୱପ୍ନରେ ପରିଣତ ହୋଇଛି କର୍ଣ୍ଣାଟକ ରାଜ୍ୟ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ। ପ୍ରମାଣିତ ହୋଇଛି ଯେ ବିଜେପି ଅପରାଜେୟ ନୁହେଁ। ମେ' ୨୦୧୪ ପରେ ଏହା ଲଢ଼ିଥିବା ୫୭ଟି ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟରୁ ୨୯ଟିରେ ପରାଜୟ ବରଣ କରିଛି। ଆଉ ଏହା ଅପରାଜେୟ ହେବାର ଅବଶ୍ୟ ଏକ ଲକ୍ଷଣ ନୁହେଁ। ନା ମଧ୍ୟ ଏଇଟା ଏକ ଲକ୍ଷଣ ଯେ ନିର୍ବାଚନ ପରେ ଯେଉଁ ୨୮ଟି ରାଜ୍ୟରେ ଏହା ସରକାର ଗଠନ କରିଛି, ସେଥି ମଧ୍ୟରୁ ମାତ୍ର ୧୨ଟିରେ ଏହାର ନିଜସ୍ୱ ସଂଖ୍ୟା ଗରିଷ୍ଠତା ରହିଛି ଏବଂ ଆଉ ୧୮ଟିରେ ଏହାର ଏକକ ସଂଖ୍ୟା ଗରିଷ୍ଠ ଦଳ ହୋଇପାରିଛି। ଏସବୁ ପରିବର୍ତ୍ତେ ବରଂ କୁହାଯାଇପାରେ ଯେ ଦକ୍ଷିଣ ଭାରତ ନାମରେ ଦେଶର ଏକ ଅଂଶକୁ ଗଠନ କରୁଥିବା ରାଜ୍ୟମାନଙ୍କୁ ବିଜେପି ପାଇଁ ଏହା କେବଳ ଗୋଟିଏ ମାତ୍ର ଚିନ୍ତାର କାରଣ ହେବାର ସମ୍ଭବାନ କ୍ଷୀଣ। ଦିଗ୍‌ବଳୟରେ ଆହୁରି ଅନେକ ମେଘ ଖଣ୍ଡ ରହିଛି। ଧ୍ରୁବୀକରଣ, ଯାହା ବିଜେପିର ଟ୍ରମ୍ପ କାର୍ଡ଼, ତାହା ଏହାର ଯାଦୁକରୀ ସଫଳତାକୁ ଆଣି ପାରିଲା ନାହିଁ: ସମାଜରେ ଯେଉଁମାନେ ନିମ୍ନ ସ୍ତରରେ ଦାରିଦ୍ର୍ୟର ସୀମାରେ ରହିଛନ୍ତି, ସେମାନଙ୍କ ପାଇଁ ଜୀବନ ଜୀବିକାର ପ୍ରସଙ୍ଗ ଆଗରେ ସବୁକିଛି ଅନାକର୍ଷଣୀୟ ହୋଇ ଯାଇଥିଲା, ଯେଉଁଗୁଡ଼ିକ ଆକର୍ଷଣୀୟ ଭାବରେ ପ୍ରଚାର କରାଯାଉଥିଲା ଧର୍ମାନ୍ଧତା ନାମରେ। ଏହା ବିଜେପି ପାଇଁ ଏକ ବଡ଼ ଚିନ୍ତାର କାରଣ ହେବ; ଜନକଲ୍ୟାଣମୂଳକ କାର୍ଯ୍ୟର ଅନେକ ସଂଖ୍ୟକ ସୂଚକାଙ୍କରେ ମୋଦୀଙ୍କର ଦୟନୀୟ ପ୍ରଦର୍ଶନ ଦୃଷ୍ଟିରୁ ବିରୋଧୀମାନେ ଏହି ପ୍ରସଙ୍ଗକୁ ସେମାନଙ୍କ ତୂଣୀରରେ ଏକ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଇଚ୍ଛା କରି ପାରନ୍ତି। ପ୍ରଧାନମନ୍ତ୍ରୀଙ୍କ 'ରାଜନୀତିକ ଅପରାଜେୟତା', 'ଡବଲ ଇଂଜିନ୍' ଅଭିବୃଦ୍ଧିର ଫାଙ୍କା ଆବାଜ, ଏବଂ ଶ୍ରୀଯୁକ୍ତ ମୋଦୀଙ୍କ ଦୁର୍ନୀତି-ମୁକ୍ତ ଶାସନର ପ୍ରତିଶ୍ରୁତି ସବୁ ଧୂଳିରେ ମିଶି ଯାଇଛି। ବିଜେପି ଏହାର ତେଲିଆମାନଙ୍କ ହାତରୁ ତେଲ ଲଗାଇ ଯେତିକି ଚିକ୍ ଚିକ୍ ଦେଖାଯାଉଥିବାର ଅଭିଯୋଗ ହେଉଥିଲା, ତା' ଉପରେ ଏଇ ଧୂଳିର ଆସ୍ତରଣ ଦକ୍ଷିଣ ଭାରତରେ ଏହାକୁ ବୁଡ଼ାଇ ଦେଇଛି। ସମୀକ୍ଷକମାନଙ୍କ ମତରେ, ବିଜେପିର ଅତି ଗର୍ବ ଏହା ପାଇଁ ବିପର୍ଯ୍ୟୟକୁ ବରଣ କରି ଆଣିଲା। ଏକ ଗୁରୁ ଗମ୍ଭୀର ଚିନ୍ତନ ବୈଠକ ହୁଏତ ବିଜେପି ପାଇଁ କର୍ଣ୍ଣାଟକର ଅପମାନଜନକ ପରାଜୟର କାରଣ ଗୁଡ଼ିକୁ ବାହାର କରିପାରେ।

ଅପରପକ୍ଷରେ କଂଗ୍ରେସ ତା'ର ଲାଭଗୁଡ଼ିକୁ ହିସାବ କରିବ। ଆଭ୍ୟନ୍ତରୀଣ କନ୍ଦଳ ପାଇଁ କୁଖ୍ୟାତି ଅର୍ଜନ କରିଥିବା ଏହି ଦଳ କର୍ଣ୍ଣାଟକରେ ଏକାଠି ହୋଇ ଏବଂ ସବୁ ସାମର୍ଥ୍ୟ ଖଟାଇ ନିର୍ବାଚନ ଲଢ଼ିଥିଲା। ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ ଏହାର ବିଜୟ ଦର୍ଶାଇଛି ଯେ ଏକତା, ଏକ ଦୃଢ଼ ସଂଗଠନ, ଏବଂ ଏକ ବିକଳ୍ପ ଦୃଷ୍ଟିକୋଣ ଏବେ ବି ଲୋକମାନଙ୍କ ହୃଦୟ ତନ୍ତ୍ରୀକୁ ଆନ୍ଦୋଳିତ କରିପାରେ। ଆଉ ଅନ୍ୟାନ୍ୟ ରାଜ୍ୟ ତଥା ଦିଲ୍ଲୀ ଦରବାରରେ ନିଜର ଉପସ୍ଥିତିକୁ ଜାହିର କରିବାପାଇଁ ସମାନ ପନ୍ଥାର ରଣକୌଶଳ ଆପଣାଇବାକୁ ନିଃସନ୍ଦେହରେ ଦଳକୁ ଅନୁପ୍ରେରିତ କରିପାରେ। ଆହୁରି ମଧ୍ୟ କର୍ଣ୍ଣାଟକ ଦର୍ଶାଇଛି ଯେ କଂଗ୍ରେସ ନିକଟରେ ଏହାର ଏକାଧିକ କ୍ଷମତା କେନ୍ଦ୍ରକୁ ପରିଚାଳନା କରିବା ନିମନ୍ତେ ଚତୁରତାପୂର୍ଣ୍ଣ କଳ୍ପନା ଶକ୍ତିର ସାମର୍ଥ୍ୟ ରହିଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ହୁଏତ ଦଳ ମଧ୍ୟରେ ପୁନରୁତ୍ଥାନର ଭାବନା ପାଇଁ ଅଗ୍ନି ସଂଯୋଗ କରିଥାଇପାରେ, କିନ୍ତୁ ଦଳର ପ୍ରଥମ ପରିବାର ଭାବନା ଅତି ସମ୍ବେଦନଶୀଳ ଭାବରେ ଆଂଚଳିକ ନେତୃତ୍ୱ ଉପରେ ସଂଗ୍ରାମର ଦାୟିତ୍ୱ ନ୍ୟସ୍ତ କରିବା ନିଶ୍ଚୟ ବିଜ୍ଞତାର ପରିଚାୟକ। ବର୍ତ୍ତମାନ ସମୟରେ ତେଣୁ ଲୋକମାନଙ୍କ ସଦିଚ୍ଛାକୁ ବଜାୟ ରଖିବା ପାଇଁ ଦଳ ଯେତେ ଶୀଘ୍ର ପାରେ ସେତେ ଶୀଘ୍ର ନିଜର ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଦଳର ଉଚ୍ଚାକାଂକ୍ଷୀ ନେତାମାନଙ୍କ ପ୍ରତିଯୋଗିତାମୂଳକ ମନୋଭାବ ଉପରେ ଲଗାମ୍ କଷିବାର ଆବଶ୍ୟକତା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, କର୍ଣ୍ଣାଟକରେ କଂଗ୍ରେସର ପୁନରୁତ୍ଥାନ ୨୦୨୪ରେ ବିଜେପି ବିରୋଧରେ ଲଢ଼ିବା ପାଇଁ ବିରୋଧୀମାନଙ୍କୁ ଏକାଠି ହୋଇ ସୁସଂଯୋଜିତ ସଂଗ୍ରାମ କରିବାକୁ ମଧ୍ୟ ଗତିଶୀଳତା ପ୍ରଦାନ କରିବ। ତେବେ ଏ କ୍ଷେତ୍ରରେ ମଧ୍ୟ ଏକ ମେଂଟ କରିବା ନିମନ୍ତେ କଂଗ୍ରେସ ଓ ଏହାର ମିତ୍ର ଦଳ ମାନଙ୍କୁ ତୁଚ୍ଛ ଅହଙ୍କାରକୁ ଜଳାଂଜଳି ଦେଇ ବୁଦ୍ଧିମତା ଓ ବାସ୍ତବତାକୁ ପ୍ରାଥମିକତା ଦେବାକୁ ହେବ।

ଏବେ ଆସିବା ସମଗ୍ର ଭାରତବର୍ଷକୁ। କର୍ଣ୍ଣାଟକ ନିର୍ବାଚନର ଫଳାଫଳ କଣ ସାରା ଦେଶର ମନୋଭାବକୁ ପ୍ରତିଫଳିତ କରିଛି ? ଏହାର ଉତ୍ତର ନିଶ୍ଚିତ ଭାବରେ 'ନା' ହେବ। ବିଧାନସଭା ନିର୍ବାଚନରେ ବିଜୟ ବା ପରାଜୟ ଆଧାରରେ ସର୍ବଭାରତୀୟ ମାନସିକତାକୁ ଆକଳନ କରିବା ଅବଶ୍ୟ ନିର୍ବୋଧତାର ପରିଚାୟକ ହେବ। ଗତ ଥରର ଲୋକସଭା ନିର୍ବାଚନ ଏହାର ଜ୍ୱଳନ୍ତ ଉଦାହରଣ। ଏହି ନିର୍ବାଚନ ପୂର୍ବରୁ ବିଜେପି ଅନେକ ରାଜ୍ୟର ବିଧାନସଭା ନିର୍ବାଚନରେ ହାରିଥିଲେ ସୁଦ୍ଧା ଲୋକସଭା ନିର୍ବାଚନରେ ୨୦୧୪ନିର୍ବାଚନ ଅପେକ୍ଷା ଆହୁରି ଅଧିକ ଜନମତ ନିଜ ସପକ୍ଷରେ ଜୁଟାଇବାରେ ସକ୍ଷମ ହୋଇଥିଲା। ଉତ୍ତରପ୍ରଦେଶର ନେତା ଅଖିଲେଶ ଯାଦବଙ୍କ କହିବା ଅନୁସାରେ ବିଜେପି ପାଇଁ ଏହା କ'ଣ ଶେଷର ଆରମ୍ଭ ? ଏହାର ଉତ୍ତର ଅବଶ୍ୟ ଜଟିଳ। ତେବେ କର୍ଣ୍ଣାଟକ ନିର୍ବାଚନ ଯାହା କରିଛି, ତାହା ହେଉଛି- ବିରୋଧୀମାନଙ୍କୁ ବିଜେପି ବିରୁଦ୍ଧରେ ନିଜର ତରୀ ବାହିବାକୁ ଅନୁକୂଳ ପବନ ଯୋଗାଇଛି।

# ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ଓ ଶିକ୍ଷା ନୀତି



## ଡକ୍ଟର ଲକ୍ଷ୍ମଣ ସାହୁ

ସେ ସମୟରେ ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ଉପରେ ମଧ ଆକ୍ରମଣ ହୋଇଥିଲା , ଏବେ ଏହାର ଉତ୍ତରାଧିକାରୀମାନେ ବିବର୍ତ୍ତନକୁ ହଟାଇବାକୁ ଚେଷ୍ଟା କରୁଛନ୍ତି । ସିଲାବସ୍ ର ଭାର ହ୍ରାସ କରିବା ନାମରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡ । ଶ୍ରେଣୀ ୧୦ ସିଲାବସ୍ ରୁ ବିବର୍ତ୍ତନର ତତ୍ତ୍ୱ କୁ ଛାଡିବାକୁ (ଉଇଝେର) ନିଷ୍ପତ୍ତିକୁ ନିନ୍ଦା କରିବାକୁ କେହି କେହି କୁଆଡ଼େ ଶବ୍ଦ ପାଇପାରୁ ନାହାନ୍ତି । ବୈଜ୍ଞାନିକମାନେ ଏହାର ପ୍ରତିବାଦରେ ଏକ ଖୋଲା ଚିଠି ପ୍ରକାଶ କରିସାରିଛନ୍ତି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ , ଫଳସ୍ୱରୂପ ଛାତ୍ରମାନେ ବିଜ୍ଞାନର ଏହି ମୌଳିକ ଆବିଷ୍କାର ବିଷୟରେ ଜ୍ଞାନରୁ ବଞ୍ଚିତ ହେବା ସହିତ ଏହି କାର୍ଯ୍ୟ ସେମାନଙ୍କ ମଧରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶରେ ବାଧା ସୃଷ୍ଟି କରିବ । କାରଣ ଜୀବନ୍ତ ଜଗତ କ୍ରମାଗତ ପରିବର୍ତ୍ତନ ପ୍ରକ୍ରିୟାରେ ଅଛି ଓ ବିବର୍ତ୍ତନ ଏକ ନିୟନ୍ତ୍ରିତ ପ୍ରକ୍ରିୟା। ଏଥିରେ କୌଣସି ଈଶ୍ୱରୀୟ ଶକ୍ତି ଜଡିତ ନଥିବା ଧାରଣା, ଡାରଓ୍ୱିନ୍ ସମୟରୁ ଯୁକ୍ତିଯୁକ୍ତ ଚିନ୍ତାଧାରାର ଏକ ଅଂଶବିଶେଷ । ଡାରଓ୍ୱିନ୍ ଜଣେ ଉଜ୍ଜ୍ୱଳ ବୈଜ୍ଞାନିକ ଥିଲେ , ଏକଥା କେହି ଅସ୍ୱୀକାର କରିବେ ନାହିଁ ।

୧୮୩୮-୧୮୩୬ ମସିହାରେ ବିଗଲ୍ ଜାହାଜରେ ତାଙ୍କର ଭ୍ରମଣ ଯାତ୍ରା ସମୟରେ, ସେ ଏହା ଉପରେ ଏକ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ଏହା ସତ୍ତ୍ୱେ ସୂଚନା ସଂଗ୍ରହ ଜାରି ରଖିଥିଲେ । ସେ ବିବର୍ତ୍ତନ ଧାରାର ଖସଡ଼ା ସଂକଳ୍ପ ପ୍ରସ୍ତୁତ କରିଥିଲେ । ଶହେ ଭାଗ ନିଶ୍ଚିତ ହେବା ପରେ ସେ ୧୮୫୯ ମସିହାରେ ଅନ୍ ଅରିଜିନ୍ ଅଫ୍ ପ୍ରଜାତି ପୁସ୍ତକ ପ୍ରକାଶ କରିଥିଲେ । ଅନେକଙ୍କ ମନେଥିବ କିଛି ବର୍ଷ ପୂର୍ବେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ସତ୍ୟପାଲ ସିଂଙ୍କ ଏକ ଭାଷଣରେ ସେ କହିଛନ୍ତି ଯେ ଡାରଓ୍ୱିନ୍?ଙ୍କ ବିବର୍ତ୍ତନ ସିଦ୍ଧାନ୍ତ " ବୈଜ୍ଞାନିକ ଭାବରେ ଭୁଲ ଅଟେ ।' କାରଣ ଆମର ପୂର୍ବପୁରୁଷମାନେ କେବେ ବି ଉଲ୍ଲେଖ କରିନାହାଁନ୍ତି ଯେ, ସେମାନେ କେବେ ଏକ ମାଙ୍କଡ଼ ମନୁଷ୍ୟ ହୋଇଥିବାର ଦେଖିଲେ । ଆମର ପିତୃପୁରୁଷଙ୍କ ଦ୍ୱାରା ଲିଖିତ କୌଣସି ପୁସ୍ତକ କିମ୍ବା କାହାଣୀରେ ଏପରି ଘଟଣା ବିଷୟରେ ତଥ୍ୟଗତ ଉଲ୍ଲେଖ ନାହିଁ । ତେଣୁ ଏହି ସିଦ୍ଧାନ୍ତକୁ ବିଜ୍ଞାନ ପୁସ୍ତକରୁ ହଟାଇବା ଉଚିତ୍ ।

ସେଦିନ ଅବଶ୍ୟ ଅନେକ ବିରୋଧ କରିଥିଲେ । ଦେଶର ଶ୍ରେଷ୍ଠ ତିନୋଟି ବିଜ୍ଞାନ ଏକାଡେମୀ (ଇଣ୍ଡିଆନ୍ ନ୍ୟାସନାଲ୍ ସାଇନ୍ସ ଏକାଡେମୀ, ନୂଆଦିଲ୍ଲୀ; ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ, ବାଙ୍ଗାଲୋର; ଏବଂ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସ, ପ୍ରୟାଗରାଜ) ମିଳିତ ବିବୃତ୍ତିରେ କହିଛନ୍ତି, ' ମନ୍ତ୍ରୀଙ୍କ ବିବୃତ୍ତିର କୌଣସି ବୈଜ୍ଞାନିକ ଭିତ୍ତି ନାହିଁ ।' ବିବର୍ତ୍ତନର ସିଦ୍ଧାନ୍ତ, ଯେଉଁଥିରେ ଡାରଓ୍ୱିନ୍ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ, ତାହା ଦୃଢ ଭାବରେ ସମର୍ଥିତ ଓ ପ୍ରତିଷ୍ଠିତ ହୋଇଥିଲା । ବିବର୍ତ୍ତନ ସିଦ୍ଧାନ୍ତର ବାସ୍ତବତା ବିଷୟରେ ବୈଜ୍ଞାନିକମାନଙ୍କ ମଧରେ କୌଣସି ବିତର୍କ ନାହିଁ । ଏହା ଏକ ସିଦ୍ଧାନ୍ତ ଯାହା ଅନେକ କଳ୍ପନାଜଳ୍ପନାର କାରଣ ହୋଇଛି, ଯାହା ପରଠାରୁ ସତ୍ୟ ପ୍ରମାଣିତ ହୋଇଛି । ମନ୍ତ୍ରୀଙ୍କ ମନ୍ତବ୍ୟ ସେତେବେଳେ ବ୍ୟକ୍ତିଗତ ଅଜ୍ଞତାର ବିଷୟ ବୋଲି ଅନେକେ ଦେଖିଥିଲେ। କିନ୍ତୁ ତାହା ହୋଇ ନଥିଲା, ସିବିଏସ୍‌ଇ ଘୋଷଣା ଅନୁଯାୟୀ କେନ୍ଦ୍ରରେ ଶାସନରେ ନିୟୋଜିତ ଗୋଷ୍ଠୀ ଭାବରେ ମନ୍ତ୍ରୀ ପ୍ରତିଧ୍ୱନୀ କରିଥିଲେ ।

କିନ୍ତୁ ଏହି ପଦକ୍ଷେପ କାହିଁକି ? ଏହାର ମୁଖ୍ୟ କାରଣ ହେଉଛି, ଡାରଓ୍ୱିନ୍ ବିବର୍ତ୍ତନ ସୃଷ୍ଟି ପଛରେ ଏକ ଅଜ୍ଞାତ, ତଥାପି ଶକ୍ତିଶାଳୀ ସୃଷ୍ଟିକର୍ତ୍ତାଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରେ । ବିବର୍ତ୍ତନର ଏହି ସିଦ୍ଧାନ୍ତ ପ୍ରମାଣ କରେ ଯେ ଗୋଟିଏ ପ୍ରଜାତିର ଅନ୍ୟ ପ୍ରାଣୀରୁ ସୃଷ୍ଟି ଏକ ପ୍ରାକୃତିକ ଘଟଣା । କୌଣସି ଈଶ୍ୱରୀୟ ଶକ୍ତିର ହସ୍ତକ୍ଷେପ ବିନା ଏହା ସ୍ୱାଭାବିକ ଭାବରେ ଘଟେ । ଫଳସ୍ୱରୂପ, ଧର୍ମଶାସ୍ତ୍ରୀମାନେ ବହୁତ ବିପଦରେ ଥିଲେ । କୋପର୍ନିକସ୍‌ର ହେଲିଓସେଣ୍ଟ୍ରିକ୍ ବ୍ରହ୍ମାଣ୍ଡ ବିଜ୍ଞାନ ପରେ ଧର୍ମଶାସ୍ତ୍ରୀମାନଙ୍କ ଆଶ୍ରୟସ୍ଥଳ ଥିଲା ଜୈବ କ୍ଷେତ୍ର, ବିଶେଷତଃ ମାନବ ସୃଷ୍ଟି କିଛି ଈଶ୍ୱରୀୟ ଶକ୍ତିର ଭୂମିକା ବିନା ଏହା ସମ୍ଭବ ନୁହେଁ । ଏହି ବିଶ୍ୱାସ ସେମାନଙ୍କ ଶକ୍ତିର ଶେଷ ଆଶ୍ରୟ ଥିଲା। କିନ୍ତୁ ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଈଶ୍ୱରତତ୍ତ୍ୱବିତ୍‌ଙ୍କ କଫିନ୍‌ରେ ଅନ୍ତିମ ନଖ ରଖିଥିଲେ କାରଣ ଏହା ବ୍ରହ୍ମାଣ୍ଡର ସୃଷ୍ଟି ପଛରେ ପ୍ରାକୃତିକ ନିୟମ ପ୍ରମାଣ କରିଥିଲା।

ତେଣୁ ଡାରଓ୍ୱିନ୍ ଙ୍କ ଜୀବନ କାଳରେ ଏହି ଆକ୍ରମଣ ଆରମ୍ଭ ହୋଇଥିଲା । ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି । ଆଜି ଏହା ସ୍ପଷ୍ଟ ହୋଇଛି ଯେ ମନ୍ତ୍ରୀଙ୍କ ସୁପାରିଶ ଓ ସିବିଏସ୍‌ଇର ନିଷ୍ପତ୍ତି ଅଲଗା ଘଟଣା ନୁହେଁ । ଡାରଓ୍ୱିନ୍ ଙ୍କ ଜୀବନ କାଳରେ ବିବର୍ତ୍ତନ ଉପରେ ଆକ୍ରମଣ କରିଥିବା ତତ୍ତ୍ୱ, ଆଜି ସେମାନଙ୍କର ଉତ୍ତରାଧିକାରୀମାନେ ପାଠ୍ୟକ୍ରମରୁ ବିବର୍ତ୍ତନ ଛାଡିବାକୁ ନିଷ୍ପତ୍ତି ନେଉଛନ୍ତି। ପାଠ୍ୟକ୍ରମ ସଂକୀର୍ଣ୍ଣତା କେବଳ ଏକ ବାହାନା ହୋଇପାରେ । କିନ୍ତୁ ଭବିଷ୍ୟତ ପିଢି ପାଇଁ ଏହାର ପରିଣାମ ସୁଦୂରପ୍ରସାରୀ ହେବ , ଏଥିରେ ସେଭଳି କୌଣସି ସଂଦେହ ନାହିଁ...!!!

ଅଧକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ମୋ: ୯୦୪୦୧୫ ୧୪୭୫

# ଐତିହାସିକ ରାୟ



## ସୌଭାଗ୍ୟ ରଂଜନ ମହାନ୍ତି

**ଗତ ୨୦୨୨ ମସିହା ଜୁନ୍ ମାସରେ ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଏମଭିଏ ସରକାରର ପତନ ନେଇ ସୃଷ୍ଟି ହୋଇଥିବା ଗୋଳମାଳିଆ ରାଜନୈତିକ ସ୍ଥିତି ଏବଂ କେନ୍ଦ୍ରଶାସିତ ଅଂଚଳ ଦିଲ୍ଲୀରେ କ୍ଷମତାସୀନ ଆପ୍ ସରକାର ଓ ଉପ-ରାଜ୍ୟପାଳଙ୍କ ମଧ୍ୟରେ ଲାଗି ରହିଥିବା କ୍ଷମତା ଲଢେଇ ନେଇ ସୁପ୍ରିମକୋର୍ଟ ପାଂଚ ଜଣିଆ ସମ୍ବିଧାନିକ ଖଣ୍ଡପୀଠ ଦେଇଥିବା ରାୟ କେବଳ ଐତିହାସିକ ନୁହେଁ, ଭାରତୀୟ ଗଣତାନ୍ତ୍ରିକ ଶାସନ କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ପଥ ପ୍ରଦର୍ଶକ ବୋଲି ନିସନ୍ଦେହରେ କୁହାଯାଇପାରିବ। ସାମ୍ବିଧାନିକ ଖଣ୍ଡପୀଠ ମହାରାଷ୍ଟ୍ରରେ ଏବେ କ୍ଷମତାସୀନ ଏକନାଥ ସିନ୍ଦେଙ୍କ ସରକାର କ୍ଷମତାରେ ରହିବ ବୋଲି କହିଥିବାବେଳେ ବିରୋଧ ଦଳ କିମ୍ବା ସ୍ୱାଧୀନ ବିଧାୟକଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ଆଗତ ହୋଇନଥିବା ସତ୍ତ୍ୱେ ତତ୍‌କାଳୀନ ରାଜ୍ୟପାଳ ବିଧାନସଭାରେ ଉଦ୍ଧବଙ୍କ ସରକାରଙ୍କୁ ଆସ୍ଥାୟୀ ଭୋଟ ଲୋଡିବା ପାଇଁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧି ବୋଲି ଦର୍ଶାଇଛନ୍ତି।**

ଗତ ୨୦୨୨ ମସିହା ଜୁନ୍ ମାସରେ ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଏମଭିଏ ସରକାରର ପତନ ନେଇ ସୃଷ୍ଟି ହୋଇଥିବା ଗୋଳମାଳିଆ ରାଜନୈତିକ ସ୍ଥିତି ଏବଂ କେନ୍ଦ୍ରଶାସିତ ଅଂଚଳ ଦିଲ୍ଲୀରେ କ୍ଷମତାସୀନ ଆପ୍ ସରକାର ଓ ଉପ-ରାଜ୍ୟପାଳଙ୍କ ମଧ୍ୟରେ ଲାଗି ରହିଥିବା କ୍ଷମତା ଲଢେଇ ନେଇ ସୁପ୍ରିମକୋର୍ଟ ପାଂଚ ଜଣିଆ ସମ୍ବିଧାନିକ ଖଣ୍ଡପୀଠ ଦେଇଥିବା ରାୟ କେବଳ ଐତିହାସିକ ନୁହେଁ, ଭାରତୀୟ ଗଣତାନ୍ତ୍ରିକ ଶାସନ କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ପଥ ପ୍ରଦର୍ଶକ ବୋଲି ନିସନ୍ଦେହରେ କୁହାଯାଇପାରିବ। ସାମ୍ବିଧାନିକ ଖଣ୍ଡପୀଠ ମହାରାଷ୍ଟ୍ରରେ ଏବେ କ୍ଷମତାସୀନ ଏକନାଥ ସିନ୍ଦେଙ୍କ ସରକାର କ୍ଷମତାରେ ରହିବ ବୋଲି କହିଥିବାବେଳେ ବିରୋଧ ଦଳ କିମ୍ବା ସ୍ୱାଧୀନ ବିଧାୟକଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ଆଗତ ହୋଇନଥିବା ସତ୍ତ୍ୱେ ତତ୍‌କାଳୀନ ରାଜ୍ୟପାଳ ବିଧାନସଭାରେ ଉଦ୍ଧବଙ୍କ ସରକାରଙ୍କୁ ଆସ୍ଥାୟୀ ଭୋଟ ଲୋଡିବା ପାଇଁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧି ବୋଲି ଦର୍ଶାଇଛନ୍ତି। ତେବେ ଆସ୍ଥାଭୋଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଠାକରେ ଇସ୍ତଫା ଦେଇଥିବାରୁ ତାଙ୍କ ସରକାରଙ୍କୁ ପୁନର୍ବାର କ୍ଷମତାକୁ ଫେରାଇ ଅଣାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯାହାକି ଠାକରେଙ୍କ ଅପରିପକ୍ୱତାର ପରିଚୟ ଦେଉଛି ବୋଲି କହିବାକୁ ହେବ। ସୁପ୍ରିମକୋର୍ଟଙ୍କ ରାୟ ଉଦ୍ଧବ ଗୋଷ୍ଠୀର ନୈତିକ ବିଜୟ ହୋଇଥିବାବେଳେ ସେ ଯେ, ଜଣେ ଅଭିଜ୍ଞ, ପରିପକ୍ୱ ରାଜନେତା ନୁହଁନ୍ତି, ତାଙ୍କର ଆଗୁଆ ଇସ୍ତଫା ଦେବା ସ୍ପଷ୍ଟ ସଂକେତ ପ୍ରଦାନ କରିଛି। ସେହିପରି ରାଜ୍ୟପାଳ ଏକ ସାମ୍ବିଧାନିକ ପଦବୀ ହୋଇଥିବାବେଳେ ଗୋଟିଏ ରାଜନୈତିକ ଦଳର ଆଭ୍ୟନ୍ତରୀଣ କନ୍ଦଳକୁ ବିଧାନସଭାରେ ଆସ୍ଥା ଭୋଟ ଦ୍ୱାରା ସମାଧାନ କରାଯାଇପାରିବ ନାହିଁ। ତେବେ ରାଜ୍ୟପାଳଙ୍କ ଆସ୍ଥା ଭୋଟ ଲୋଡିବା ପାଇଁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଭୁଲ ବୋଲି କହିଛନ୍ତି। ସେହିପରି ରାଜ୍ୟପାଳଙ୍କ ଦ୍ୱାରା ଉତ୍ପନ୍ନ ପରିସ୍ଥିତି ଯୋଗୁଁ ଉଦ୍ଧବ ସରକାରର ପାଇଁ ବାଧ କରିଥିଲା। ସେହିପରି ସମ୍ବିଧାନର ଦଶମ ପରିଚ୍ଛେଦରେ ଦଳ ବଦଳ ନିରୋଧ ଆଇନ ଅନୁଯାୟୀ ଦଳବଦଳକାରୀ ୧୬ଜଣ ବିଧାୟକଙ୍କ ସମ୍ପର୍କରେ ନିଷ୍ପତି ନେବାରେ ବାଚସ୍ପତିଙ୍କର ନିଷ୍ପତି ନେବାରେ ବିଳମ୍ବ ହୁଏ ବୋଲି ଖଣ୍ଡପୀଠ କହିବା ସଙ୍ଗେ ଏହା ଉପରେ ଅଦାଲତ କୌଣସି ନିଷ୍ପତି ନନେଇ ବାଚସ୍ପତିଙ୍କ ଉପରେ ଛାଡିଦେଇଛନ୍ତି। ତେବେ ବହିଷ୍କାର ନୋଟିସର ସମ୍ମୁଖୀନ ହୋଇଥିବା ଜଣେ ବାଚସ୍ପତି ନିଷ୍ପତି ନେଇ ପାରିବେ କି ନାହିଁ, ବୃହତ ସାମ୍ବିଧାନିକ ଖଣ୍ଡପୀଠ ଉପରେ ଛାଡି ଦେଇଛନ୍ତି କିନ୍ତୁ ବାଚସ୍ପତିଙ୍କ ନିଷ୍ପତି ଅଦାଲତ ସମୀକ୍ଷାର ପରିସର ଭୁକ୍ତ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଆଉ ଏକ ପ୍ରସଙ୍ଗ ଉପରେ ଯେଉଁ ମତ ଦେଇଛନ୍ତି। ତାହା ମଧ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ହୁଇପ୍ ଜାରି ଏବଂ ନେତା ନିର୍ବାଚନ କେବଳ ଗୋଟିଏ ରାଜନୈତିକ ଦଳ କରିପାରିବେ। ବିଧାୟକ ଦଳ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଏବେ ସ୍ପଷ୍ଟ ସଂକେତ ପ୍ରଦାନ କରିଛି ଯେ, ଠାକରେ ନିଜର ନୈତିକ ବିଜୟ ଦାବି କରିପାରନ୍ତି। କିନ୍ତୁ ଗଣତନ୍ତ୍ରରେ ସଂଖ୍ୟା ଗରିଷ୍ଠତା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ କେନ୍ଦ୍ରଶାସିତ ଜାତୀୟ ରାଜଧାନୀ ଦିଲ୍ଲୀରେ ସରକାର ଓ ଉପ ରାଜ୍ୟପାଳଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଲଢେଇରେ ନିର୍ବାଚିତ ସରକାର ମୁଖ୍ୟ ଏବଂ ସରକାର ବା ମନ୍ତ୍ରୀମଣ୍ଡଳର ସୁପାରିଶ ଓ ପରାମର୍ଶକୁ ଉପ ରାଜ୍ୟପାଳ ଗ୍ରହଣ କରିବାକୁ ବାଧ ବୋଲି ଖଣ୍ଡପୀଠ ଦେଇଥିବା ରାୟ ଅରବିନ୍ଦ କେଜିରୱାଲ ସରକାରଙ୍କ ସବୁଠାରୁ ବଡ ବିଜୟ ବୋଲି କୁହାଯିବ। ଯାହାକି କେନ୍ଦ୍ର ସରକାର ପାଇଁ ଶକ୍ତ ଧକ୍କା ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦିଲ୍ଲୀ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ଏବଂ ବିଧାନସଭା ଗଠନ ପରଠାରୁ ଯେତେ ସବୁ ସରକାରୀ କ୍ଷମତାସୀନ ହୋଇଛନ୍ତି। ତେବେ ଯେପରି ଉପ-ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ କ୍ଷମତା ଲଢେଇ ଲାଗି ରହିଛି। ପୂର୍ବସରକାରଗୁଡିକ ଅମାଳରେ କେବେ ହେଲେ ଦେଖାଯାଇନଥିଲା। ଦିଲ୍ଲୀ ୨୦୧୫ରେ ବିଜେପିକୁ ଧୂଳି ଚଟାଇ ଆପ୍ ସରକାର କ୍ଷମତାସୀନ ହେବ ପରେ କେନ୍ଦ୍ର ସରକାର ଗଭର୍ଣ୍ଣମେଂଟ ଅଫ ନ୍ୟାଶନାଲ ଟେରିଟୋରି ଅଫ ଦିଲ୍ଲୀ(ଜିଏନସିଡିଡି) ଆକ୍ଟର ସଂଶୋଧନ କରି ଉପ-ରାଜ୍ୟପାଳଙ୍କୁ ଅଧିକ କ୍ଷମତା ପ୍ରଦାନ କରିଥିଲେ। ଯାହାକି ଆପ୍ ସରକାରଙ୍କୁ କ୍ଷମତାହୀନ କରାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଅଫିସର ଓ କର୍ମଚାରୀ ଦିଲ୍ଲୀ ସରକାରଙ୍କ ଅଧିନରେ ଏବଂ ଜମିଜମାର, ଆଇନ ଶୃଙ୍ଖଳା କେନ୍ଦ୍ର ସରକାରଙ୍କ ହାତରେ ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ ରାୟ ଦେଇଥିବାବେଳେ ଉପ-ରାଜ୍ୟପାଳ ସରକାରଙ୍କ ସୁପାରିଶ ଓ ପରାମର୍ଶରେ କାର୍ଯ୍ୟ କରିବାକୁ ରାୟ ଦେଇ ଦେଶର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି। ଖଣ୍ଡପୀଠ ମଧ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହାର ଯଥାର୍ଥତା ରହିଛି। ଅଫିସର ନିଯୁକ୍ତି ଓ ବଦଳି ଯଦି ସରକାରଙ୍କ ହାତରେ ନରହିବ, ତେବେ ସେମାନେ ମାନିବେ ନାହିଁ। ଅଫିସର ଯଦି ଅମାନିଆ ହେବେ, ସରକାର କାର୍ଯ୍ୟ କରିବେ କିପରି ? ନିର୍ବାଚିତ ସରକାର ଜନସାଧାରଣଙ୍କ ନିକଟରେ ଉତରଦାୟୀ ତେଣୁ ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରରେ ସର୍ବେସର୍ବା। ଗଣତନ୍ତ୍ରରେ ନିର୍ବାଚିତ ସରକାର ହେଉଛନ୍ତି ମୁଖ୍ୟ। ଉପ-ରାଜ୍ୟପାଳଙ୍କର ସ୍ୱାଧୀନ ନିଷ୍ପତି ନେବାର କୌଣସି କ୍ଷମତା ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କାର୍ଯ୍ୟପାଳିକା ଠାରୁ ବିଧେୟକ ଉଚ୍ଚତର। ଦିଲ୍ଲୀରେ କ୍ଷମତାସୀନ ଆପ ସରକାର ହେଉଛନ୍ତି ମୁଖ୍ୟ। ତେବେ ଜିଏନଟିସିଡି ଆକ୍ଟର ସମ୍ବିଧାନିକ ଖଣ୍ଡପୀଠ ରାୟ ପରେ ଅକାମୀ ହୋଇଯାଇଛି ବୋଲି କୁହାଯିବ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ଶରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ-୯୪୩୭୯୯୪୩୭୯




## ନିଦାଘ ରାଣୀଙ୍କୁ ଅଳିଟିଏ

### କାର୍ତ୍ତିକ ସେଠୀ

ଛଅ ଭଉଣୀରେ ପ୍ରଥମା ଦୁଲଣୀ
ଏତେ ରୋଷ କିଆଁ କୁହ
ତୁମ ଆଗମନେ ସତେ ଏ ଭୁବନେ
ଜଳିଯାଏ ଦିହ ମୁହଁ ।
ଶୀତ ଓ ବସନ୍ତ ଚାଲିଗଲା ପରେ
ଆସିଛ ନିଦାଘ ରାଣୀ
ମରମ ବେଦନା ବୁଝିବ ବା କିଏ
ତୃଷିତ ଧରଣୀ ରାଣୀ ।
ଅନୁଭବୁ ବାଛି ମନ ମୋ' କହୁଛି
ନୁହଁ ତୁମେ ଜମା ଭଲ
ଅଂଶୁଘାତେ ମାର ନିରୀହ ପଥିକେ
ମରଣକୁ ଭାବ ଗେଲ ।
ମନେପଡେ ଆଜି ସେଦିନର ଗପ
ସାହିତ୍ୟ ବହିରୁ ଗୋଟେ
ବୁଦ୍ଧିମତୀ ବୋହୂ ସାନବୋହୂ ପାଇଁ
ସବୁ ଋତୁ ଭଲ ଅଟେ ।
ଦୀନା ମାଝୀ କହେ ତୁମେ କାଳେ ଭଲ
ଆମ୍ବ ଝୁଡି କିଣି ରଖେ
କୋପ ଦୃଷ୍ଟି ତୁମ କୃପାଦୃଷ୍ଟି ହେଲା
ପାଚିଲା ଆମ୍ବକୁ ବିକେ ।
ମଲ୍ଲୀ ଚମ୍ପା ହେନା ବଉଳ ମାଳତୀ
ତୁମକୁ ସ୍ୱାଗତ କରେ
ପଣସ ସପୁରୀ ତାଳ ତରଭୁଜ
ଜାମୁକୋଳି ଆଖି ମାରେ ।
ମୃଦୁ ମଳୟର ଚାମର ହଲାଇ
ଯେବେ କେବେ ତୁମ ଆସ
ଅଜା ଶୋଇଥାନ୍ତି ଆମ୍ବ ତୋଟାମାଳେ
ମୁଖରେ ମୁରୁକି ହସ ।
ଛଡ଼ାଇ ନେବନି ତାଙ୍କ ହସ କେବେ
ଆଇ ଦେବେ ମୁଣ୍ଡ କୋଡ଼ି
ଯାହା ଦି'ଟା ତାଙ୍କ ଦନ୍ତପଂକ୍ତି ଅଛି
କୋଡ଼ି ହେଲେ ଯିବ ଝଡି ।
ଅହରହ ଏଠି ଉଷ୍ମମ ପ୍ରବାହ
ପ୍ରତି ବରଷକୁ ବଢେ
ଗଛର ସୁରକ୍ଷା ନ ଭାବି ମଣିଷ
ମୃତ୍ୟୁର ସଉଧ ଗଢେ ।
ଗଛ କାଟିବାର ଦଣ୍ଡ ଦିଅ ପଛେ
ବିଚାରିବ ଆଗ ପଛ
ତୁମରାଣ ଦେଇ ଶପଥ କରୁଛୁ
ଆଉ କାଟିବୁନୁ ଗଛ ।
ଆବଶ୍ୟକ ସ୍ଥଳେ ଯଦି ବା କାଟିବୁ
ରୋପିବୁ ଅସଂଖ୍ୟ ଚାରା
ମୃତାଗ୍ନି ସାଙ୍ଗକୁ ନିଃସ୍ୱାର୍ଥ କର୍ମରେ
କାଠ ରଖେ ଭାଇଚାରା ।
ଯେମିତି ଗରମ ଆଣୁଥିଲ ତୁମେ
ତିରିଶି ବରଷ ତଳେ
ଅନୁରୋଧ ରଖି କରନ୍ତ ସେପରି
ଧନ୍ୟ ହେବୁ କୃପା ବଳେ ।

+ଗୁରୁଜୀ, ବିବେକାନନ୍ଦ ବିହାର ,
ବଡ଼ସାହି , ମୟୂରଭଞ୍ଜ

## କର - କୋଷ୍ଠୀ - କପାଳ

### ନିରଞ୍ଜନ ସାହୁ

କିଏ ଜାଣେ କେବେ କାହା
ଜୀବନରେ
କେମିତି ଘଟଣା ଘଟିବ
ଭବିତବ୍ୟ କଥା କେ ' କହି ପାରିବ
ଏମିତି ସେମିତି କଟିବ ।
କର କୋଷ୍ଠୀ କପାଳରେ ଲେଖାଥାଏ
ଆମରି ଭାଗ୍ୟର କଥା
ସାମୁଦ୍ରିକ ପାଠ , ଜ୍ୟୋତିଷ ବିଚାର
କହିଥାଏ କାଳେ ଯଥା
ପ୍ରତିକାର କଲେ ଏମିତି ସେମିତି
ଯେତେ ରିଷ୍ଟ ଥିବ ହଟିବ ।
ସବୁ ଗଣନାକୁ ଭୁଲ ପ୍ରମାଣିତ
ସମୟ ହିଁ କରି ଦିଅଇ
ବୋକାଙ୍କ ପରିକା ଚାହିଁଇ ମଣିଷ
ଭାଗ୍ୟ ବାଟ କାଢି ନିଅଇ
କପାଳରେ କର ମାରିମାରି ଯାହା
ବିଧାତା ବିରୁଦ୍ଧେ ରଟିବ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ମନ ମନ୍ଥନ

### ନୂତନ କୁମାର ବେହେରା

ଏଇଟା ହେଲା ନାହିଁ ସେଇଟା ହେଲା ନାହିଁ
ମନ ହୁଏ ଅହରହ ଆନ୍ଦୋଳିତ
ହସ ଖୁସି ଆନନ୍ଦଠାରୁ ଦୂରେଇ ଯାଏ ସତତ
ବ୍ୟସ୍ତ ବିବ୍ରତ ହୁଏ ଭାଙ୍ଗିଯାଏ ଧୈର୍ଯ୍ୟର ବନ୍ଧ
ବିବେକର ସହିତ ବିଚାର କରେନା ଆଦୌ
ସ୍ୱାର୍ଥର ଖୋଳପା ଭିତରେ ରହେ ଛପି
ମୁଖରୁ ମୁଖା ନ ଖୋଲି କରିଥାଏ ଆତ୍ମଗୋପନ
ଜିଇଁବା ଠାରୁ ଜଳିବା ଜାଳିବାରେ ଦିଏ ଧ୍ୟାନ
ହିଂସା ଦ୍ୱେଷ ଘୃଣାରେ ମାରେ ମରେ ବାରମ୍ବାର
ନିଜକୁ ନିଜେ ପାରେନା କରି ଆବିଷ୍କାର
ମନ ତାର ମରୁର ତପ୍ତ ବାଲିରେ ଖୋଜେ ଜୀବନ
ମରୀଚିକାର ମାୟାରେ ହୁଏ ଭାବ ବିହ୍ୱଳ
ଭୁଲି ଯାଏ ନିଜ ନିୟନ୍ତ୍ରଣରେ ତାର ଅଛି କ'ଣ
ନିଜ ପାଖରେ ଅଛି ଯାହା ତାକୁ ନ ଖୋଜି
ଅଣାୟତରେ ବା ଅନ୍ୟଠାରେ ଅଛି ଯା'
ତାକୁ ହାତ ମୁଠାରେ ରଖିବାକୁ କରେ ପ୍ରବନ୍ଧ
ଏଇ ତ ମଣିଷ ମନର କ୍ରିୟା ପ୍ରତିକ୍ରିୟା
ଜନ୍ମରୁ ମୃତ୍ୟୁ ଯାଏଁ କରିଚାଲେ ଖାଲି ଅହଂକାର
ସଦା ସର୍ବଦା କରେ ସେ ମନ ମନ୍ଥନ
ସମୂହ ଦେବ ଦାନବ କୁଳ ହୋଇ ଦି' ପକ୍ଷ
ସୃଷ୍ଟିର ସ୍ଥିତି ଲାଗି କରିଥିଲେ ସମୁଦ୍ର ମନ୍ଥନ
ତଦ୍ରୂପ ମନ ମଧ୍ୟେ ଥିବା ଦେବ ଦାନବ
ଆଜି କରି ଚାଲିଛନ୍ତି ସାଗର ରୂପି ମନ ମନ୍ଥନ
କେବେ ଦେବ କୁଳ ଆବୋରି ନିଅନ୍ତି ସବୁ
କେବେ ପୁଣି ଦାନବ ଦଳ ପ୍ରୟୋଗ କରନ୍ତି ବଳ
ହୃଦୟରୁ ଅମୃତ ନିର୍ଗତ ହେବା ବହୁ ପୂର୍ବରୁ
ଉଦ୍ଗିରଣ ହୁଏ ଉତ୍କଟ ହଳାହଳ ବିଷ
ଶରୀର ରୂପୀ ଖୁଆଦଣ୍ଡ ଘୂର୍ଣ୍ଣନେ ଭୋଗେ କ୍ଲେଶ
ଦେବ କୁଳର ହେଲେ ଅଧିନ ଲଭେ ଅମୃତ
ଦାନବ ଦଳରେ ହେଲେ ସେ ଅନ୍ତର୍ଭୁକ୍ତ
ପାଏନା ପିଇବାକୁ ବିନ୍ଦୁଏ ବି ଅମୃତ
ସେ ପିଉଥାଏ ଖାଲି ବିଷ ଜୀବନ ଜ୍ୱାଳାରେ
ହୋଇପାରେ ନାହିଁ ନୀଳକଣ୍ଠ ସେ ବିଷ ପାନେ
ଶିବ ରୂପରୁ ପାଲଟି ଯାଏ ଜୀଅନ୍ତା ଶବ
ମନ ମନ୍ଥନରୁ ଅଧିକ କିଛି ପାଇବା ଆଗରୁ
ଅଜ୍ଞାନତାର ଅନ୍ଧକାରରେ କରେ ପ୍ରଳାପ ବିଳାପ
ସତ୍ୟ ନ୍ୟାୟ ତଉଲି କରେ ଯିଏ ମନ ମନ୍ଥନ
ଲୋଭ ମୋହର ରାକ୍ଷସମାନଙ୍କୁ କରେ ପରାଜିତ
ସେ ମନ ପାଏ ଶାନ୍ତି ତୃପ୍ତିର ଅମୃତ ସନ୍ଧାନ
ସଂଯମତା ଶୃଙ୍ଖଳାରେ କରି ଶ୍ରମ ସାଧନା
ସଂସାରରେ ଆଣିଥାଏ ଜୀବ ଜନ୍ମର ସାର୍ଥକତା।

କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

# କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୬ ମଇ, ମଙ୍ଗଳବାର, ୨୦୨୩

## ଭିନ୍ନ ଏକ ମୂଲ୍ୟବୋଧ

### ଶରତ କୁମାର ଦାସ



ସେଦିନ ବି ଥିଲା ମିଠାମିଠା ଜ୍ୟୋସ୍ନାର ତରଙ୍ଗ
ଆଉ ବି ଥିଲା ପରସ୍ତ ପରସ୍ତ ବହଳ ଅନ୍ଧାର
ସେଇ ପାଣିଚିଆ ଛାଇ-ଆଲୁଅର ବୀସ୍ତିର୍ଣ୍ଣ ପରିଧିରେ
ଖୋଜୁଥିଲେ ବୁଲି ବୁଲି ମୂଲ୍ୟବୋଧର ଚକମକ୍ ଚିତ୍ର
ଗ୍ରୀକ୍ ଦାର୍ଶନିକ ଡାଓଜିନିସ୍
ଉତ୍ତର ଗୋଲାର୍ଦ୍ଧରୁ ଦକ୍ଷିଣ ଗୋଲାର୍ଦ୍ଧ
ହାତରେ ଲଣ୍ଠନ ସହ ଝୁଲା ଥଳି ଗୋଟେ କାନ୍ଧରେ ପକାଇ ।

ସରଳ ଜୀବନର ଗାଧୁଆ ତୁଠରେ
ଭେଟୁଥିଲେ ସେ ମୂଲ୍ୟବୋଧର ଅମ୍ଳାନ ଛବି,
ତମସାର ଅଥଳ ଗର୍ଭରେ ସେ ଖୋଜୁଥିଲେ ଜ୍ୟୋତି
ସହଜରେ ଡେଇଁପାରିଥିଲେ ସୁଖସର୍ବସ୍ୱ ଦୁନିଆର ଏରୁଣ୍ଡି ।

ଅନେକ ଅସମାହିତ ପ୍ରଶ୍ନର ଚକ୍ରବ୍ୟୁହରେ
ବାର୍ ବାର୍ ସେ ହେଉଥିଲେ ବାଟବଣା
ଉତ୍ତର ନପାଇବାର ଅବସୋସବୋଧରେ
ଭୋଗୁଥିଲେ କ୍ରୁଶବିଦ୍ଧର ନିର୍ମମ ଯନ୍ତ୍ରଣା ପ୍ରତି ମୁହୂର୍ତ୍ତରେ ।

ଋତୁଚକ୍ର ବଦଳିଲା ପରି
କିପରି ବଦଳିଯାଏ ମୂଲ୍ୟବୋଧର ମୌଳିକ ଅର୍ଥ
ବ୍ୟକ୍ତି ଠାରୁ ବ୍ୟକ୍ତି ବିଶେଷରେ
ପ୍ରମାଣ କରିଥିଲେ ଆଉ ଜଣେ ଗ୍ରୀକ ଦାର୍ଶନିକ ଆରିଷ୍ଟୋପିସ୍,
ଡାଓଜିନିସଙ୍କ ସମସାମୟିକ ।

ସୁଖ-ସମୃଦ୍ଧିର ଲବଙ୍ଗଦ୍ୱୀପରେ
ସନ୍ଧାନପାଇଥିଲେ ସେ ମୂଲ୍ୟବୋଧର ମଧୁର ରହସ୍ୟ ।

ଫରକ ଥିଲା ଚିନ୍ତା ଓ ଚେତନାର ଦୁହିଁଙ୍କ ମଧ୍ୟରେ
ଦାରିଦ୍ର୍ୟର ଆଖି ପାଉନଥିବା ନିର୍ଜନ ଦ୍ୱୀପରେ
ଡାଓଜିନିସ୍ ସାଉଁଟିଥିଲେ ମୂଲ୍ୟବୋଧର ସୁବର୍ଣ୍ଣ କଣିକା
ମାତ୍ର ଇନ୍ଦ୍ରପ୍ରସ୍ଥର ସୁରମ୍ୟ ଚୌହଦିରେ
ଆରିଷ୍ଟୋପିସ୍ ବାରିପାରୁଥିଲେ ମୂଲ୍ୟବୋଧର ସ୍ପଷ୍ଟ ପାଦଚିହ୍ନ ।

ମୁଠା ମୁଠା ନୀତି ନିୟମର ଅର୍ଗଳି ଭିତରେ
ତମାମ୍ ଜୀବନକୁ ନିରେଖି ଦେଖିବା କ'ଣ
ମୂଲ୍ୟବୋଧର ଯଥାର୍ଥ ମାନଦଣ୍ଡ ?
ନା ରାଶି ରାଶି ଅନୁଶାସନର ବନ୍ଧନରେ ଜୀବନ ଗଢିବା
ମୂଲ୍ୟବୋଧର ଅଲିଭା ସଂକେତ ?

ନିଜଠାରୁ ବୃହତ୍ତର ଓ ଶ୍ରେଷ୍ଠ ଏକ ଉପଲବ୍ଧି ପାଇଁ
ଜୀବନ ଜିଇଁବାର ଉର୍ବର ଭୂଇଁରେ ଗଜୁରୁଥାଏ କି
ମୂଲ୍ୟବୋଧର ବଳିଷ୍ଠ ଚାରା ?

ଏବେ ବଦଳିଛି ଝର୍କା ସେପଟର ପୃଥିବୀ
ତାଳ ଦେଇ ବଦଳିଛି ବି ମୂଲ୍ୟବୋଧର ରଙ୍ଗିନ ମାନଚିତ୍ର
ଅନ୍ଧାରର ସାମିଆନା ତଳେ ଅଣନିଃଶ୍ୱାସୀ
ହେଉଛି ନୀତିଯୁକ୍ତ ଜୀବନର ମୂଲ୍ୟ ।

ଝଲସିଉଠୁଛି ରକ୍ତର ଅବିର ମାଟିର ଛାତିରେ
ପବନର ଡେଣାରେ ଲାଖିଛି ଶାଙ୍କୁଚର କଣ୍ଟା

ମେଂଚା ମେଂଚା ବସ୍ତୁବାଦୀ ଚେତନାର
ଧାରୁଆ ଛୁରୀରେ ଲହୁଲୁହାଣ ମୂଲ୍ୟବୋଧର ସ୍ନିଗ୍ଧ ଅବୟବ
ଜହ୍ନର ମେଢରେ ଅମାର ଆତଙ୍କ
ମାଳ ମାଳ କୁଟିଳ ଚକ୍ରାନ୍ତର
ଫାଶିଖୁଣ୍ଟରେ ଝୁଲୁଛି ମୂଲ୍ୟବୋଧର ଫୁଙ୍ଗୁଳା ଶରୀର ।

ଫଣାଟେକିଛି ସଙ୍କଟ ମୂଲ୍ୟଗୁଡିକର ସ୍ୱୀକାରରେ
ଦଂଶନକରୁଛି ସ୍ୱାର୍ଥପରତାର କଳାସର୍ପ
ଆମ ସୁସ୍ଥ ମାନସିକତାରେ
ସବୁରି ଭିତରେ ଏବେ ଧସେଇ ପଶୁଛି
ଅହଙ୍କାରର ପୁଳା ପୁଳା ନିଆଁ ହୁଳା,
ନିଃଶ୍ୱାସ ଲେଖୁଛି ଅବିଶ୍ୱାସର ରକ୍ତିମ ଠିକଣା
ସତେଯେମିତି କବ୍ଜା କରୁଛି
ଭିନ୍ନ ଏକ ମୂଲ୍ୟବୋଧର କଳଙ୍କିତ ଛାଇ ।

ଅଧ୍ୟାପକ,ରାଜନୀତି ବିଭାଗ ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ମାଆ



### ସୁଧୀର କୁମାର ପଣ୍ଡା



ସୃଷ୍ଟି ପରେ ସ୍ଥିତି, ସ୍ଥିତିର ବ୍ୟୁତ୍ପତି ତୋ ଆଶିଷେ ଏହି କାୟା
ରକ୍ତ ମାଂସ ମଜ୍ଜା ତୋ ଦେହୁ ସମ୍ଭୂତ ହୃଦୟେ ତୋହରି ମାୟା ।
ଦଶ ମାସ ତୋର ଗର୍ଭ ମଧ୍ୟେ ବୃଦ୍ଧି ଧରାରେ ଆଶିଷ ନେଇ
ମାତୃ ସ୍ତନ ପାନଗ ଅମୃତ ଭୋଜନ କେବଳ ତୋଠାରୁ ପାଇଁ ।

ସେନେହ ସରଧା ସବୁ ଅଜାଚିତ ତାହାର କଳନା ନାହିଁ
ସନ୍ତାନର ସୁଖ ପାଇଁ କେତେ ଓଷା ବ୍ରତ ନ କରିଛୁ ତୁହି ।
ଜହ୍ନ ଦେଖାଇ ତୁ ଭାତ ଖୁଆଇଛୁ ଶୁଆଇଛୁ ଗୀତ ଗାଇ
ନାନା ବାୟା ଗୀତେ ଅମୃତ ଭରିଛୁ କେମିତି ଭୁଲିବି ମୁହିଁ ।

ରୋଗ ବଇରାଗେ ରାତି ରାତି ଜଗି ସେବା ତୁ କରିଛୁ ମୋର
ଶିକ୍ଷା ଦୀକ୍ଷା ଆଉ ସାହସ ସଂସ୍କୃତି ହୃଦରେ ଭରିଛୁ ମୋର ।
ତୋ ପଣତ କାନି ଘୋଡାଇ ରଖିଛୁ ସେନେହ ସରାଗ ଦେଇ
ମାଆ ଯେତେ ବଡ ହେଲେ ମଧ୍ୟ ମୁହିଁ ଲୋଡେ ତୋ ଚରଣ ଛାଇ ।

ତୋହରି ସେନେହ ପ୍ରକୃତିର ସମ ସର୍ତ୍ତହୀନ ନିର୍ଭେଜାଲ
ଦୁନିଆରେ କେହି ହୋଇ ପାରିବନି ମାଆଟିର ସମତୁଲ ।

ବ୍ରହ୍ମପୁର
ମୋ: ୯୩୩୭୭୮୨୯୧୨

## ଲଭ୍ ଜେହାଦ

### କବି ବିପ୍ଲବ



ସିନ୍ଦୁରରେ ସୁନ୍ଦରୀ ଦିଶେ ସେ
ଇଏ ପସନ୍ଦ କରେ ଫର୍ଚ୍ଚା କପାଳ

ଓଢ଼ଣୀରେ ଲାଜେଇ ଯାଏ ସେ
ଇଏ ପସନ୍ଦ କରେ ବୁର୍ଖା

ପାଉଁଜିର ଛମ୍ ଛମ ତା'ର ପସନ୍ଦ
ଇଏ ପସନ୍ଦ କରେ ଫୁଙ୍ଗୁଳା ପାଦ

ଅନନ୍ତ ନିଳୀମାରେ ସେ ଖୁସି ହୁଏ
ଇଏ ସାଇତିବାକୁ କିଣେ ପଞ୍ଜୁରୀ !

କେଜାଣି ମନ ବୋଧହେଇଯାଏ
କେମିତି

ଶେଷରେ
ପ୍ରେମ ନିଲାମ ହୋଇଯାଏ

ଦେହ ବଜାରରେ
ଅଥବା ଦେହର ଟୁକୁଡ଼ା ମିଳେ
ବ୍ରିଫକେଶ୍‌ରେ ।

ଇଏ କେମିତି ପ୍ରେମ ସତେ

ପହିଲି ଦେଖା ଆଗରୁ ଶୁଆଇ ଦିଏନି
ଆଉ ପହିଲି ରାତି ପରେ ଜିଆଇ
ଦିଏନି !

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ମା' ସମ କିଏ ହେବ !!

### ଅମ୍ବିକା ସ୍ୱାଇଁ



ମାଆ ସମ କିଏ ହେବ ଏ ସଂସାରେ
ବୁଝିବ ମନର କଥା
ପିଲାର ମନରେ ଖୁସି ଦେବା ପାଇଁ
ଭୁଲି ଯାଏ ନିଜ ବ୍ୟଥା ।

ଭୋକ ଉପା ସରେ ରହି ମାଆ ଟିଏ
ପିଲାର ଯ ତନ କରେ
ନିଜେ ସେ ନ ଖାଇ ପେଟକୁ ଯେ
ଭଲ
ପିଲାର ଉଦରେ ଭରେ ।

ମା'ସ୍ନେହ ମମତାର ପଣତ କାନି
ସୁରକ୍ଷା କବଚ ମୁଣୀ
ସବୁ କଷ୍ଟ ତା'ର ଦୂର ହୋଇ ଯାଏ
ପିଲା ହେଲେ ଜ୍ଞାନୀ ଗୁଣୀ ।

ପିଲାମାନେ ତୁମେ କରିବନି ହେଳା
ମା'ଙ୍କୁ କରିବ ଆଦର
ମାଆ ର ଆଶିଷ ମଥା ପରେ ଥିଲେ
ଜୀବନ ହେବ ସୁନ୍ଦର୍ ।

ମାଆ ପରି କିଏ ଅଛି ଏ ସଂସାରେ
ତା' ଋଣ ପାରିବ ଶୁଝି
ଦଶମାସ ଧରି ପିଲାକୁ ଗର୍ଭରେ
ଯେତେ କରିଥାଏ ଯୁଝି ।

ମାଆର ମମତା ଗଭୀର ସାଗର
ମାପି ହୁଏ ନାହିଁ ତାକୁ
ମା'ଆ ପାଦ ଧୂଳି ମଥାର ଚନ୍ଦନ
ଭୁଲି ବାନି କେବେ ମା'କୁ ।

ସ୍ନେହମୟୀ, ଜତ୍ୟାଗମୟୀ,
ମା' ତୁମର
କରିବ ପିଲାଏ ଭକ୍ତି
ବିପଦେ, ଆପଦେ ତୁମ ସାଥେ ଥାଏ
ଅଟେ ତୁମ ବଡ଼ ଶକ୍ତି ।

ବଡ଼ ହେଲେ ତୁମେ ଅତି ଶରଧା ରେ
ସେବା ଯତ୍ନ ତା'ର ନେବ
ତୁମ ମଥା ପରେ ମାଆ ଆଶୀର୍ବାଦ
ସଦା କାମ କରୁଥିବ ।
ଝଝଝ

ଭୁବନେଶ୍ୱର
ମୋ: ୯୭୭୭୫୯୯୬୯୫



## ପାଖରେ ମାଆ ତୁ ନାହୁଁ

### ଜୟନ୍ତ କୁମାର ମଲ୍ଲିକ୍



ମାତୃ ଦିବସରେ କିପରି ପୂଜିବି
ପାଖରେ ମାଆ ତୁ ନାହୁଁ
ଖୋଜିଲେ ମୁଁ ତୋତେ କେଉଁଠି
ପାଇବି
ଆଉବା ପାଇବି କାହୁଁ ।
ଅନେକ ଦିନରୁ ଯାଇଛୁ ସରଗ
ଆମ ଏ ଦୁନିଆଁ ଛାଡ଼ି
କିଏ ଆଉଦେବ ପଣତକାନୀରେ
ମୋ ଦେହର ଧୂଳି ଝାଡ଼ି ?
ଅଝଟ କରିଲେ କୋଳରେ ବସେଇ
କିଏ ଦେବ ଆଉ ଖୋଇ
କିଏ ଆଉମତେ ଗପ ଶୁଣେଇବ
ପାଖରେ ପକେଇ ଶୋଇ ?
ଆଜିକାଲେ ମାତୃ ଦିବସ ପାଳନ୍ତି
ଧରାରେ ସକଳ ଜନ
ତତେ ପୁଜିବାକୁ ସତରେ ମାଆଲୋ
ବିକଳ ହୁଏ ମୋ ମନ ।
ଠାକୁରାଣୀ ପରି ଥିଲୁ ମୋ ପାଖରେ
ମାନବୀ ଦେହକୁ ଧରି
ଆଜିର ଦିନରେ ତୋ କଥା ଭାବିଲେ
ଆଖିଲୁହ ଆସେ ଝରି ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ପଶ୍ଚାତାପ

### ବର୍ଷାରାଣୀ ମହାମଲ୍ଲୀକ



ହଜାରେ ଭୁଲ ପରେ ପଶ୍ଚାତାପ
ଭାରି ଆଘାତ ଦିଏ ମନରେ...
ତା ଠୁଁ ବି ବେଶି ବାଧେ
ପ୍ରାୟଶ୍ଚିତ କରି ନପାରିବାର ଗ୍ଲାନି ।

ପଶ୍ଚାତାପ କଲା ପରେ କିନ୍ତୁ
ସହଜରେ ମିଳିଯାଏ କ୍ଷମା..
ଦୋଷ ରୁ ମୁକ୍ତି, ମିଳେନାହିଁ ଶାସ୍ତି
ସବୁ ସରିଗଲା ପରେ କିନ୍ତୁ ଲାଭ କଣ
ପଶ୍ଚାତାପ କଣ ଫେରେଇ ଆଣିବ
ପୂର୍ବାବସ୍ଥାକୁ
ପଶ୍ଚାତାପ ମଣିଷ କୁ ମାରି ବି ଦିଏ
ଆଣି ବି ଦିଏ ନୂଆ ଜୀବନ

କିନ୍ତୁ ପଶ୍ଚାତାପ କରିବାଠୁଁ ଶ୍ରେୟସ୍କର
କଣ୍ଟା ବାଟରେ ପାଦ ନ ଦେବା
ବନ୍ଧୁର ବାଟରୁ ମୁହଁ ଫେରାଇ
ଆଣିବା
ଭଲ ବାଟର ଯାତ୍ରୀ ହେବା ।

ଜିଲ୍ଲା : ବରଗଡ଼

## କବିତାର କବି

### କମଳ ଲୋଚନ ପଣ୍ଡା



କେବେ ଚିତ୍ରାଙ୍କନ ସାଜି ଆଙ୍କିଦିଏ
ମୋ ହୃଦୟ ଫଳକରେ ତା ମନୋରମ
ଛବି
ମୁଁ ତା କବିତାର କବି ।

କେବେ ଅନୁଭବ ହୁଏ
ମୋ ଭୂଗୋଳ ପରିଧିରେ ତା ସହ
ବିତାଇଥିବା ଅନେକ ସ୍ମୃତିର ପ୍ରତିଛବି
ମୁଁ ତା କବିତାର କବି ।

କେବେ ସାଜେ ସେ
ଶ୍ରାବଣ ସଞ୍ଜର ଦୀପାଳି ପୁଣିକେବେ
ଦାଣ୍ଡ ଅଗଣାର ମଲ୍ଲୀ
ମୁଁ ତା' କବିତାର କବି ।

ନୀଳଗିରି, ବାଲେଶ୍ୱର
ମୋ: ୮୯୧୭୩୪୦୮୮୯

## ଯନ୍ତ୍ରଣା

### ବୈଷ୍ଣବ ମେହେର



ଦିଆସିଲି କାଠି ପରି...
ଜଳୁଥାଏ ମୁଁ...
ଅନ୍ୟକୁ ଆଲୁଅ ଦିଏ...
ନିଜେ ଜଳି ପୋଡ଼ି;
ମୋ କଥା...
ମୋ ଯନ୍ତ୍ରଣା....
ସୁଖ ଦୁଃଖ ପଚାରିବାକୁ...
ନାହାଁନ୍ତି କେହି ।

କେମିତି କହିବି...
ହୃଦୟ ଭିତରେ...
ଅସୁମାରୀ କୋହକୁ...
ପ୍ରତିକ୍ଷଣେ କାନ୍ଦୁଛି ଏକାକି;
ଆଶାର ଆଲୋକ...
ମୋ ପାଇଁ...
ପଞ୍ଜୁରୀ ଭିତରେ ଥିବା...
ଶାରୀ ଟିଏ ପରି ।

ଦୁନିଆଟା ଲାଗେ...
ନିଷ୍ଫଳ ନିରବ...
ଦେଖା ଦିଏ...
ଆଶା ଶୂନ୍ୟ ଆକାଶ;
ଶୂନ୍ୟରୁ କିଛି...
ପ୍ରତିଧ୍ୱନିତ ହୁଏ...
ତ୍ୟାଗ କରିବାକୁ...
ସ୍ୱାର୍ଥ ମାୟା ମୋହ ।

ମୋହ, ଅହଂ, ଅସ୍ତିତ୍ୱ...
ସ୍ମୃତିର ଜ୍ଞାତସାରରେ...
ବାରମ୍ବାର ଦେଉଥାନ୍ତି...
ଅସୁମାରି ଯନ୍ତ୍ରଣା;
କେହି ଜଣେ...
କହିପାରିବ କି...
ଜୀବନ କଟୁଛି କାହାର...
ଯନ୍ତ୍ରଣା ବିନା ।

କେବେଠାରୁ ମୁଁ...
ପୂର୍ଣ୍ଣାହୁତି କରିଦେଇଛି...
ମୋ ମନର...
ଇଚ୍ଛା ମାନଙ୍କୁ;
ଆଉ ମୁଁ...
ଗହଣା କରି...
ପିନ୍ଧି ସାରିଛି...
ଦୁଃଖ ସବୁକୁ ।

ଜୀବନକୁ ଏଠି...
ଜିଇଁବାକୁ ହେବ...
ଦୁଃଖ ଯନ୍ତ୍ରଣାକୁ...
ଅମୃତ କରି ପିଇ;
କିଏ ବୁଝିବ...
ଜୀବନ ଏଠି...
ପଞ୍ଜୁରୀ ଆବଦ୍ଧ ପକ୍ଷୀର...
ନିରବ ଯନ୍ତ୍ରଣା ପରି ।

ଗଣ୍ଡାବାହାଲି, ନୂଆପଡ଼ା
ମୋ: ୬୨୬୪୩୦୫୦୦୩

## ଜୀର୍ଣ୍ଣ ବୈଶାଖ

### ସୁଭଦ୍ରା ବେହେରା



ଏ ବିସ୍ତିର୍ଣ୍ଣ ଆକାଶରେ, ଢେଉ ଢେଉକା ଲହଡ଼ି ଭାଙ୍ଗେ ବାଦଲ
ଯେତେବେଳେ ଦିପ୍ରହର ଟାରେ ମେଘ ନୁଆଁଏ ତା ମଥା .....
ଛାତି ଭିତରେ ମୋର ଦୀର୍ଘଶ୍ୱାସର ହାବୁକା....
ସ୍ୱପ୍ନ ଗରା ଦାଣ୍ଡରେ ଲୋଟି ଧୂଳି ସରସର
ଆକାଶ ଧୂସର ଏଠି ଗୋଧୂଳି ବେଳାର ।

ହଁ ତ !....
ଏ ଜୀର୍ଣ୍ଣ ବୈଶାଖ ଟାଏରେ
ପକ୍ଷୀ ଟି ଅସ୍ପଷ୍ଟ ସ୍ୱରରେ ତୁନି ତୁନି ବାହୁନିଲା ବେଳେ.....
ପବନରେ ବହିଆସେ ସେ କାନ୍ଦ
ମୋ ହୃଦୟ ଥରେ ।
ମୁଁ ଧାଏଁ ସେ ସ୍ୱର ଇଙ୍ଗିତରେ
ନିର୍ଜନ ନଈ କୂଳ ଆଡେ
ସଞ୍ଜଟାଏରେ ବିଷର୍ଣ୍ଣ ମନରେ

ଭେଟେ ଯାହା କୁଢ଼ କୁଢ଼ ଅବଶୋଷ
ଅପନ୍ତରା ପଠାବାଲି ତଟରେ,....

ସଞ୍ଜ ନଇଁ ଆସେ
ଉଲକା ଉହ୍ଲସି ଉଠେ ଆକାଶ ବକ୍ଷରୁ
ଲେସି ହୋଇ ତାରକା ଦେହରୁ
ହଁ ତ ଠିକ୍ ଏବେ ଏବେ.....

ମୁଁ ଖୋଜେ ଜହ୍ନର ଛାଇ ଏ ନିଛାଟିଆ ଝାଉଁ ବଣର
ଶୁଳୁଶୁଳିଆ ପବନରେ ପତ୍ର ଉହାଡରେ ....
ଯେବେ ଆକାଶରେ ଜହ୍ନ ଡେଇଁ ଡେଇଁ ବଉଦର ସିଡ଼ି ଚଢେ
ଗୋଟିକ ପରେ ଗୋଟେ ।....

ମୁଁ ଭୋଗି ଆସିଛି ..
ମୋ ଦେହର ଭୂଗୋଳରେ
ଗୋଧୂଳିର ଧୂସରତା
ଭେଟିଛି ସମୁଦ୍ର ତଟ ପୋଖରୀ ଉହାଡ କେତେ ନଦୀ
ପଠା.....

ତଇତିର ପତ୍ରଝଡ଼ା ବୃକ୍ଷ ପରି ଜୀର୍ଣ୍ଣ ଦେହ ଏହି
ଆୟୁଷର ଗତି ଯୋଖି ମାପିବାକି ପରିଧି ଦେହର ?
ଯାହା ନିତାନ୍ତ ବିସ୍ତିର୍ଣ୍ଣ ସମୟର ମରୁ ଚରା ବାଲି ତଟର ।...

ଆକାଶେ ଭ୍ରାନ୍ତି ଲଦିହୁଏ ଏ ମୋ ବିଷର୍ଣ୍ଣ ହୃଦରେ....
ସ୍ୱପ୍ନ ଧରି ବହେ ସିନା ଲହଡ଼ି
ଗୋବରି ନଈରେ
ହେଲେ ମିଳେ ନାହିଁ ତଟ ...
ଅପନ୍ତରା ନଦୀ ଧାରେ ଧାରେ ।

ଇଚ୍ଛା ମୋର......
ଏ ପାପୁଲି ରେ ସମୟ ତକ ତୋଳି ଧରିବାର
ଧରି ହୁଏ ନାହିଁ ମ , ଭାରି ରାଗ ମୋର
ଠିକ୍ କାଠଯୋଡିର ଇର୍ଷା ଭଳି ମହାନଦୀ ଉର୍ବରତାର,.....
ମନରେ ନାନା ସନ୍ଧି ହୃଦରେ ବିକାର

ତଥାପି ଡାକୁଛି..
ଆସ ଆସ ଏ ସୁଲୁସୁଲିଆ ପବନେ ହଜିବା ....
ସ୍ୱପ୍ନ ଭରି ଏ ଗ୍ରୀଷ୍ମ ପ୍ରବାହ କାଳରେ,
ପକ୍ଷୀଙ୍କ କାକଳିରେ ଏ ସନ୍ଧ୍ୟା ଆସରରେ

ଏ ବୈଶାଖୀ ସଞ୍ଜ ରେ ପବନ ଯେବେ ତୋଟାମାଳେ ଆମ୍ବ ପତ୍ର ସାଉଁଳେ
ଜହ୍ନ ଯେବେ ଲୁଚୁଥିବ ଓ ସେଇ ଦୂର ଆକାଶରେ ।

ଉଇଁବା ତ ସମସ୍ତେ ଚାହାଁନ୍ତି....
ଅସ୍ତ ବିତ ପ୍ରତିଶ୍ରୁତି ଭରା ହୋଇଥାଏ ?

ଆମେ ଅସ୍ତ ହିଁ ତ ଚାହିଁବା
ଠିଆ ହୋଇ ବିଷର୍ଣ୍ଣ ନଈର କୂଳେ
ଆରେ ଦୁଃଖ ଥିଲେ ସିନା ପ୍ରେମ ପ୍ରଗାଢ ହୁଏ... !
କେହି ଜଣେ କାଳେ କହିଥିଲେ...

ଠିକଣା - ଚମ୍ପା ପୁର, ଛତିଆ, ଯାଜପୁର
ମୋ: ୭୨୦୫୮୮୭୫୧୨

## ମୋ ମା ପଣତ ଶ୍ରୀମନ୍ଦିର ନେତ

### ରାମ ଚନ୍ଦ୍ର ପ୍ରଧାନ



ମୋ ମାଆ ପଣତ ଶ୍ରୀମନ୍ଦିର ନେତ
ସେ ନେତେ ବନ୍ଧା ମୋ ସୁଖ
ତା' ସ୍ନେହ ମମତା ଅମୃତର ଧାରା
ସେ ଧାରେ ଧୁଏ ମୁଁ ମୁଖ ।

ତା' ସ୍ନେହ ଶରଧା ମୋ ପାଇଁ ଅମୁଲ
ସିଏ ପ୍ରେମ ସ୍ରୋତସ୍ୱିନୀ
ତା' ପଣତ ଛାଇ କଳ୍ପବଟ ସମ
ମମତାର ମନ୍ଦାକିନୀ ।

ପୁଣ୍ୟ ପବିତ୍ରତା ସ୍ନେହର ମୂରତି
ଲକ୍ଷ୍ମୀଙ୍କ ପ୍ରତିମା ସେହି
ତା' ଗୁଣ ଗାରିମା ଗାନ କରିବାକୁ
ଭାଷାକୋଷେ ଶବ୍ଦ ନାହିଁ ।
ସବୁଠୁ ନିଜର ଅତି ଆପଣାର
ସେ ଅଟଇ ମୋର ମାଆ
ଏ ପିଣ୍ଡରେ ପ୍ରାଣ ଥିବା ଯାଏଁ କେବେ
ଭୁଲିବିନି ତା'ର ନାଆଁ ।

ମୋ ଆଖିରେ ଟିକେ ଲୁହ
ଦେଖିଦେଲେ
ତା' ଛାତିରେ ବଢ଼େ କୋହ
ମୋ ଖୁସି ପାଇଁ ସେ ନିଜକୁ ସମର୍ପି
କାନ୍ଦୁଥାଏ ଅହରହ ।
ତା' ଚରଣ ଧୂଳି ଚନ୍ଦନ ଠୁ ବଳି
ସିଏ କରୁଣାର ସିନ୍ଧୁ
ତା' କଣ୍ଠର ସ୍ୱର ମଧୁର ଝଙ୍କାର
ସତେକି ଦରଦୀ ବନ୍ଧୁ ।
ତା' କାନି ପଣତେ ମୁହଁ ପୋଛିଦେଲେ
ମିଳେ ମୋତେ ସ୍ୱର୍ଗ ସୁଖ
ତା' କୋଳରେ ଟିକେ ମଥା
ରଖିଦେଲେ
ଚାଲିଯାଏ ସବୁ ଦୁଃଖ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

# ରବିବାର କର୍କଟ କେନ୍ଦ୍ରରେ ଆଡମିସନ୍ ବନ୍ଦ : କେବଳ ଜରୁରୀ ଚିକିତ୍ସା

## ଅସ୍ତ୍ରୋପଚାର, ବାୟୋପ୍ସି, ରେଡିଏସନ୍; ସବୁଠି ପ୍ରତୀକ୍ଷା ଯନ୍ତ୍ରଣା




କଟକ, ୧୫/୦୫ (ନି.ପ୍ର): କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍‌ରେ 'ପ୍ରତୀକ୍ଷା ଯନ୍ତ୍ରଣା ଅସହ୍ୟ ହେଲାଣି। ରିପୋର୍ଟ ମିଳିବା ବେଳକୁ ରୋଗୀଙ୍କ ଦୁର୍ଦ୍ଦଶା ବଢ଼ିଯାଉଛି। ରେଡିଏସନ୍ ଚିକିତ୍ସା ହେଉ ବା ବାୟୋପ୍‌ସି ଟେଷ୍ଟ; କେଉଁଠି ୭ରୁ ୧୦ ଦିନ ଅବା କେଉଁଠି ଦୁଇରୁ ତିନି ସପ୍ତାହ। ଅପେରେସନ୍ ପାଇଁ ବି ଲମ୍ବା ପ୍ରତୀକ୍ଷା। କେବଳ ସେତିକି ନୁହେଁ, ରବିବାର ଯଦି କେହି ରୋଗୀ ଗୁରୁତର ଅବସ୍ଥାରେ ଏମରଜେନ୍ସି ୱାର୍ଡକୁ ଆସନ୍ତି ତେବେ ତାଙ୍କୁ ୱାର୍ଡରେ ଆଡମିସନ୍ ବି ମିଳୁନି। ରୋଗୀଙ୍କୁ ପରାମର୍ଶ ଦିଆଯାଉଛି, 'ଧର୍ମଶାଳାରେ ରହିଯା, ପରଦିନ ଆସି ଓପିଡିରେ ଦେଖାଇଲେ ୱାର୍ଡରେ ଆଡମିସନ୍ ମିଳିବ। ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ରାଜ୍ୟର ସବୁଠାରୁ ବଡ଼ କଟକ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନକୁ ଆସୁଥିବା ରୋଗୀ। ରବିବାର କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଜରୁରୀକାଳୀନ ୱାର୍ଡରେ ଚିକିତ୍ସା କରାଯାଉଛି ସିନା, ୱାର୍ଡରେ ଆଡମିସନ୍ କରାଯାଉ ନାହିଁ। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟବାହାରୁ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ଦିନକୁ ଦିନ ରୋଗୀସଂଖ୍ୟା ବଢୁଥିବାରୁ କେନ୍ଦ୍ର ଉପରେ ଚାପ ବଢୁଛି। ପ୍ରତିଦିନ ପାଖାପାଖି ୨୫୦ଜଣ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବାବେଳେ ୪୦/୫୦ ଜଣ ରୋଗୀ ୱାର୍ଡରେ ଭର୍ତ୍ତି ହୁଅନ୍ତି। ହେଲେ, ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଉନ୍ନତମାନର ଚିକିତ୍ସା ଓ ମାଗଣା ବ୍ୟବସ୍ଥା ପରଠାରୁ ରୋଗୀଙ୍କ ସଂଖ୍ୟା ଢେର ବଢିଛି। ହେଲେ, ସେଇ ଅନୁପାତରେ ଚିକିତ୍ସା ପାଇଁ ଅପେକ୍ଷା ସମୟ ବି ବଢ଼ିଯାଇଛି। ବାୟୋପ୍‌ସି ପରୀକ୍ଷା ପାଇଁ ରୋଗୀଙ୍କୁ ୧୦/୧୨ଦିନ ଅପେକ୍ଷା କରିବାକୁ ପଡୁଥିବାବେଳେ ରେଡିଏସନ୍ ପାଇଁ ଦୁଇରୁ ତିନିସପ୍ତାହ ଓ ହେଡ୍ ଏଣ୍ଡ ନେକ୍ ବିଭାଗ ସର୍ଜରି ପାଇଁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। କାରଣ, ବିଭାଗରେ ୪ଜଣ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୨ଜଣ ଡାକ୍ତର। ଯାଫଳରେ ରୋଗୀଙ୍କ ଅସ୍ତ୍ରୋପଚାର ବିଳମ୍ବ ହେଉଛି। ଅନ୍ୟପଟେ ସର୍ଜିକାଲ୍ ଅଙ୍କୋଲୋଜିରେ ବି ୭ଜଣ ଡାକ୍ତରଙ୍କ ସ୍ଥାନରେ ୫ଜଣ ଅଛନ୍ତି। ଅବଶ୍ୟ, ୨ଜଣ ଡାକ୍ତରଙ୍କ ନିଯୁକ୍ତି ପାଇଁ ସମସ୍ତ ପ୍ରକ୍ରିୟା ସରିଥିବାରୁ ସେମାନେ ଖୁବ୍ ଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ଜଣାପଡିଛି। ଏପଟେ ରୋଗୀ ବାୟୋପ୍‌ସି ରିପୋର୍ଟ ବାହାରୁ ପରୀକ୍ଷା କରି ଆଣିଲେ ତାକୁ କେନ୍ଦ୍ର ଗ୍ରହଣ କରୁନି। କେନ୍ଦ୍ରରେ ଆଡମିସନ୍ ପାଇଁ ପୁଣି ଥରେ କେନ୍ଦ୍ରରେ ବାୟୋପ୍‌ସି ଟେଷ୍ଟ କରାଯାଉଛି। ଯାଫଳରେ ରୋଗୀଙ୍କ ପରୀକ୍ଷା ରିପୋର୍ଟ ପାଇବାରେ ବିଳମ୍ବ ହେଉଛି। ରବିବାର ବି ୱାର୍ଡରେ ଦାଖଲା ନିଆଯାଉନି। ରବିବାର ଦିନ ଜଗତ୍‌ସିଂହପୁର ଜିଲ୍ଲାର ଜଣେ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ପରିବାରବର୍ଗ ଚିକିତ୍ସା ପାଇଁ କର୍କଟ କେନ୍ଦ୍ର କାଜୁଆଲିଟିକୁ ଆଣିଥିଲେ। ରୋଗୀ ବେଡ୍‌ରୁ ଉଠିବା ଅବସ୍ଥାରେ ନଥିବା ବେଳେ ଡାକ୍ତର ତାଙ୍କୁ ଆଡମିଟ୍ ନ କରି ଧର୍ମଶାଳାକୁ ଯିବାକୁ ପରାମର୍ଶ ଦେଇଥଇଲେ। 'ଆଜି ୱାର୍ଡରେ ଆଡମିସନ୍ ହୋଇପାରିବନି, ବରଂ ରାତିରେ ଧର୍ମଶାଳାରେ ରହନ୍ତୁ ଓ ସୋମବାର ସକାଳେ ଆସି ଓପିଡିରେ ଦେଖାଇବା ପରେ ୱାର୍ଡରେ ଆଡମିସନ୍ କରାଯିବ ବୋଲି ପରାମର୍ଶ ଦେଇଥିଲେ। ଗୁରୁତର ଅବସ୍ଥାରେ ଥିବା ରୋଗୀଙ୍କ ସଂପର୍କୀୟ କେମିତି ତାଙ୍କୁ ଧର୍ମଶାଳାକୁ ନେବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। କେବଳ ଏହି ଘଟଣା ନୁହେଁ, ପ୍ରତି ଛୁଟିଦିନ ୱାର୍ଡରେ ଆଡମିସନ୍ କରାଯାଉ ନ ଥିବାରୁ ରୋଗୀ ଓ ସଂପର୍କୀୟଙ୍କୁ ଏଭଳି ହନ୍ତସନ୍ତ ହେବାକୁ ପଡୁଛି। ରାଜ୍ୟରେ କର୍କଟ ରୋଗର ସର୍ବବୃହତ ସରକାରୀ ରେଫେରାଲ୍ ହସପିଟାଲ୍‌ରେ ଯଦି ଏଭଳି ଅବସ୍ଥା, ତେବେ ରୋଗୀ ଓ ସମ୍ପର୍କୀୟ ଆଉ କାହା ପାଖକୁ ଯିବେ ବୋଲି ପ୍ରଶ୍ନ କରିଛନ୍ତି।

# ଏସ୍‌ସିବି ନେଫ୍ରୋଲୋଜି ଡିଏମ୍ ପାଠ୍ୟକ୍ରମ ନବୀକରଣ : ଏନ୍‌ଏମ୍‌ସିର କୈଫିୟତ୍ ତଲବ




କଟକ, ୧୫/୦୫ (ନି.ପ୍ର): ରାଜ୍ୟରେ ମେଡିକାଲ କଲେଜ ସଂଖ୍ୟା ବୃଦ୍ଧି କରାଗଲା। କିନ୍ତୁ ଭିତ୍ତିଭୂମି, ମାନବସମ୍ବଳର ଅଭାବ ଯୋଗୁଁ ଜାତୀୟ ମେଡିକାଲ କମିସନ୍ ଅନେକ ସମୟରେ ଆପତ୍ତି ଉଠାଇ ଆସୁଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ନେଫ୍ରୋଲୋଜି ବିଭାଗରେ ପ୍ରଫେସର ନ ରହିବା ସଦ୍ୟ ସମସ୍ୟା ଭାବେ ସାମ୍ନାକୁ ଆସିଛି। ଏହି କାରଣରୁ ନେଫ୍ରୋଲୋଜି ବିଭାଗ ଡିଏମ୍ ପାଠ୍ୟକ୍ରମ ନେଇ ଆପତ୍ତି ଉଠାଇଛି ଏନ୍‌ଏମ୍‌ସିର ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ଏକ୍‌ଜାମିନେସନ୍ ବୋର୍ଡ (ପିଜିଏମ୍‌ଇବି)। ନିର୍ଦ୍ଧାରିତ ସମୟରେ କର୍ତ୍ତୃପକ୍ଷ ୧ଲକ୍ଷ ୧୮ହଜାର ଟଙ୍କାର ଫି ସହ କାଗଜପତ୍ର ଓ ଚିଠିର ଉତ୍ତର ଦାଖଲ ନ କରିଲେ ଡିଏମ୍ ପାଠ୍ୟକ୍ରମର ଆଡମିସନ୍‌କୁ ବନ୍ଦ କରିବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏପରିକି କଲେଜ କର୍ତ୍ତୃପକ୍ଷଙ୍କୁ ୩୦ ଦିନ ଭିତରେ ଉତ୍ତର ରଖିବାକୁ ଚିଠି ଲେଖିବା ସହ ତତ୍‌ସଂପର୍କିତ ସମସ୍ତ କାଗଜପତ୍ର ପିଜିଏମ୍‌ଇବିରେ ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।କଟକ ବଡ଼ଡାକ୍ତରଖାନା ନେଫ୍ରୋଲୋଜି ବିଭାଗ ଜଣେମାତ୍ର ଆସୋସିଏଟ୍ ପ୍ରଫେସରଙ୍କ ଭରସାରେ ଚାଲିଛି। ବିଭାଗରେ ଡିଏମ୍ ପାଠ୍ୟକ୍ରମ ଥିଲେ ବି କୌଣସି ପ୍ରଫେସର ନାହାନ୍ତି। ଯାହାକୁ ନେଇ କିଛିମାସ ତଳେ ଏନ୍‌ଏମ୍‌ସି ଟିମ୍ ଏସ୍‌ସିବି ପରିଦର୍ଶନରେ ଆସିଥିଲେ। ପ୍ରଫେସର ନଥିବାରୁ ଏହାର ନବୀକରଣକୁ ନେଇ ଏନ୍‌ଏମ୍‌ସି ଆପତ୍ତି ଉଠାଇ ଚିଠି ଲେଖିଛନ୍ତି। ଡିଏମ୍ ପାଇଁ ଯେଉଁ ୩ଟି ସିଟ୍ ରହିଛି, ବର୍ତ୍ତମାନର ରିପୋର୍ଟ ଅନୁସାରେ ତାହା ଅନୁମୋଦନ ପାଇଁ ଗ୍ରହଣ କରାଯିବ ନାହିଁ। ପିଜିଏମ୍‌ଇବିର ମାପଦଣ୍ଡ ପୂରଣ କରୁ ନଥିବାରୁ ଏହା ଘଟିବାକୁ ଯାଉଛି। ଏହା ଉପରେ କଲେଜ ସମସ୍ତ କାଗଜପତ୍ର ସହ ୩୦ ଦିନ ଭିତରେ ପିଜିଏମ୍‌ଇବିକୁ ଲିଖିତ ଉତ୍ତର ଦେବେ। ଉକ୍ତ ରିପୋର୍ଟ ସହ ଏନ୍‌ଏମ୍‌ସିରେ ପିଜିଏମ୍‌ଇବିରେ ୧ଲକ୍ଷ ୧୮ହଜାର ଟଙ୍କା (ଜିଏସ୍‌ଟି ସହିତ) ଜମା କରିବାକୁ ପଡିବ। ତାହା କରା ନଗଲେ ପିଜିଏମ୍‌ଇବି ଆଇନ ଅନୁସାରେ ଡିଏମ୍ ପାଠ୍ୟକ୍ରମ ବନ୍ଦ କରାଯିବ। ଏଭଳି ଚିଠିର ଉତ୍ତର ଏସ୍‌ସିବି କର୍ତ୍ତୃପକ୍ଷ କଣ ଦେବେ ତାକୁ ନେଇ ସବୁସ୍ତରରେ ତର୍ଜମା ଆରମ୍ଭ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏମ୍‌କେସିଜିରେ ଡିଏମ୍ ପାଠ୍ୟକ୍ରମ ନଥିଲେ ସୁଦ୍ଧା ସେଠାରେ ପ୍ରଫେସର ଅଛନ୍ତି, କିନ୍ତୁ ଏସ୍‌ସିବିରେ ନାହାନ୍ତି। ତେବେ ଏସଂପର୍କରେ ଏସ୍‌ସିବି ଅଧକ୍ଷ, ସ୍ୱାସ୍ଥ୍ୟ ସଚିବ, ଡିଏମ୍‌ଇଟି ଓ ବାଣୀବିହାର ରେଜିଷ୍ଟାରଙ୍କୁ ଚିଠିର ନକଲ ଦିଆଯାଇଥିବା ସୂଚନା ମିଳିଛି।

# ଫଳକରେ ନାଁ ନେବାକୁ ପ୍ରତିଯୋଗିତା : ଗୋଟିଏ ରାସ୍ତା, ଦୁଇଟି ଫଳକ



ପୁରୀ , ୧୫/୦୫ (ନି.ପ୍ର) : ଗୋଟିଏ ପଞ୍ଚାୟତ, ଗୋଟିଏ ରାସ୍ତା। କିନ୍ତୁ ଦୁଇଟି ଫଳକ, ଆଉ ଫଳକରେ ଅତିଥିଙ୍କ ନାଁ ଭିନ୍ନଭିନ୍ନ। ରାସ୍ତା ତିଆରିରେ ନାଁ ନେବା ପାଇଁ ଏଭଳି ଏକ ହାସ୍ୟସ୍ପଦ ଚିତ୍ର ଦେଖିବାକୁ ମିଳିଛି ବାଲିଗୁଆଳି ପଞ୍ଚାୟତରେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗୋପାଳପୁର ଜେନାସାହି, ତୋଟା ବେହେରାସାହି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଦୁଇଥର ଭିନ୍ନଭିନ୍ନ ଅତିଥି ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ଅଢ଼େଇ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୩କୋଟି ୭୦ଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଛି। ଗତ ୩ ତାରିଖରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଏହାର ଠିକ ୧୦ ଦିନ ପରେ, ଗତକାଲି ଆଉ ଏକ ଫଳକ ଲଗାଇ ଉଦ୍‌ଘାଟନ କରାଯାଇଛି। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପୌରୋହିତ୍ୟରେ ସଦର ପଞ୍ଚାୟତ ସମିତି ଅଧକ୍ଷ ଦିବାକର ପାତ୍ରଙ୍କ ଉପସ୍ଥିତିରେ ପୁନର୍ବାର ନଡ଼ିଆ ବାଡ଼େଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଯଦିଓ ସାଂସଦ ପିନାକୀ ମିଶ୍ରଙ୍କ କରକମଳରେ ଏହି ଭିତ୍ତିପ୍ରସ୍ତର ଉଦ୍‌ଘାଟନ ହୋଇଥିବା ନେଇ ଫଳକରେ ଉଲ୍ଲେଖ ରହିଛି, କିନ୍ତୁ ସାଂସଦ ଶ୍ରୀ ମିଶ୍ର ସେଠାରେ ଉପସ୍ଥିତ ନଥିଲେ। ଆଗକୁ ନିର୍ବାଚନ। ତେଣୁ ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ ଫଳକରେ ନାଁ ନେବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ତେବେ ଗାଁ' ରାସ୍ତା ନିର୍ମାଣକୁ ନେଇ ଏଭଳି ଫଳକ ରାଜନୀତି ଓ ଦୁଇ ଥର ନଡ଼ିଆ ବାଡ଼େଇବା ଘଟଣା ହାସ୍ୟାସ୍ପଦ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

# ୫୮ ବର୍ଷରେ ଅବସର ଦେବା ପ୍ରସଙ୍ଗ : ୨୪ ବର୍ଷର ଅଦାଲତୀ ଲଢ଼େଇରେ ପୂର୍ଣ୍ଣଚ୍ଛେଦ

## ୧୭ ବର୍ଷର ଦରମା ଦେବେ, ଅଧିକାରୀଙ୍କ ଆକ୍ରୋଶ ପାଇଁ ଭୋଗିବେ ସରକାର




ଭୁବନେଶ୍ୱର, ୧୫/୦୫ (ନି.ପ୍ର): ଜଣେ ଅଧିକାରୀଙ୍କ ଆକ୍ରୋଶମୂଳକ ମନୋଭାବ ତଥା କ୍ଷମତାର ଅପବ୍ୟବହାର କେବଳ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ନିର୍ଯାତନା ଦେଇନଥାଏ ବରଂ ସରକାରଙ୍କୁ କ୍ଷତିଗ୍ରସ୍ତ କରାଇଥାଏ। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି କେନ୍ଦ୍ର ସରକାରଙ୍କ ଅଧୀନ ଓଡ଼ିଶା ଡ୍ରଗ୍ସ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ଓଡିସିଏଲ୍)କ୍ଷେତ୍ରରେ। ବେଆଇନ ଭାବରେ ୫୮ ବର୍ଷରେ କର୍ମଚାରୀଙ୍କୁ ଆକ୍ରୋଶମୂଳକ ଭାବରେ ଅବସର ଦେଇ ଦେବା ସଂସ୍ଥା ପାଇଁ ମହଙ୍ଗା ପଡ଼ିଛି। ଓଡିସିଏଲ୍ କର୍ମଚାରୀ ସଂଘ ପୂର୍ବତନ ସାଧାରଣ ସମ୍ପାଦକ ଦିନେଶ କୁମାର ପାତ୍ରଙ୍କୁ ୧୭ ବର୍ଷର ପୂର୍ଣ୍ଣ ଦରମା ସହ ଏହି ସମୟ ଅବଧିରେ ହେବାକୁ ଥିବା ପ୍ରମୋସନ ସହ ଅନ୍ୟାନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଓଡ଼ିଶା ଡ୍ରଗ୍ସ ଓ କେମିକାଲ ଲିମିଟେଡ୍ କର୍ମଚାରୀ ସଂଘ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୧୯୯୮ ମେ' ୧୯ ତାରିଖ ବିଜ୍ଞପ୍ତି ଅନୁସାରେ କେନ୍ଦ୍ର ସରକାରଙ୍କ ସାର ଓ ରସାୟନିକ ବିଭାଗ ତଥା ସରକାର ଉଦ୍ୟୋଗ ଓଡ଼ିଶା ଡ୍ରଗସ୍ ଆଣ୍ଡ କେମିକାଲସ୍ ଲିମିଟେଡ୍ (ଓଡିସିଏଲ)ର ସମସ୍ତ କର୍ମଚାରୀମାନଙ୍କ ଅବସର ବୟସ ସୀମା ୬୦ ବର୍ଷ ରହିଥିଲା। କିନ୍ତୁ ୨୦୦୬ ମସିହାରେ ନିର୍ଦ୍ଦେଶକ ନନ୍ଦକିଶୋର ସିହ୍ନା କେନ୍ଦ୍ର କ୍ୟାବିନେଟ୍ ବିନା ଅନୁମୋଦନରେ ଅବସର ବୟସ ସୀମାକୁ ୫୮ କରି ବିଜ୍ଞପ୍ତି ଜାରି କରିଥିଲେ। କେତେକ କର୍ମଚାରୀଙ୍କ ଉପରେ ଆକ୍ରୋଶ ରଖି ଏଭଳି କରିବାରରୁ ମାମଲା ହାଇକୋର୍ଟ ଯାଇଥିଲା। ୨୦୦୬ ମସିହାରେ ହାଇକୋର୍ଟ ଏହାର ଶୁଣାଣି କରି ଆବେଦନକାରୀ ତଥା ସଂସ୍ଥାରେ ପ୍ରଶାସନିକ ଅଧିକାରୀ ରାଜକିଶୋର ଶତପଥୀଙ୍କୁ ତୁରନ୍ତ ୬୦ ବର୍ଷ ପର୍ଯ୍ୟନ୍ତ ଚାକିରି କରିବାକୁ ସୁଯୋଗ ଦେବାକୁ ଆଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ଆଦେଶକୁ ଚାଲେଞ୍ଜ କରି ଓଡିସିଏଲ କର୍ତ୍ତୃପକ୍ଷ ସୁପ୍ରିମ୍‌କୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ମଧ୍ୟ ୨୦୦୯ ମସିହାରେ କର୍ତ୍ତୃପକ୍ଷଙ୍କ ଏହି ଆବେଦନକୁ ରଦ୍ଦ କରିବା ସହ ଶ୍ରୀ ଶତପଥୀଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ଅନୁରୂପ ଭାବେ ବାଣିଜ୍ୟ ବିଭାଗର ଅଧିକାରୀ କୃଷ୍ଣକୁମାର ପଣ୍ଡା ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଶ୍ରୀ ପଣ୍ଡାଙ୍କ ସପକ୍ଷରେ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଓଡିସିଏଲ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟ ଯାଇଥିଲେ। ସଂସ୍ଥାର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ହାଇକୋର୍ଟଙ୍କ ଆଦେଶକୁ କାଏମ୍ ରଖିଥିଲେ। ସେହିଭଳି ଆକ୍ରୋଶର ଶିକାର ହୋଇଥିବା ଓଡିସିଏଲ୍ କର୍ମଚାରୀ ସଂଘ ପୂର୍ବତନ ସାଧାରଣ ସମ୍ପାଦକ ଶ୍ରୀ ପାତ୍ର ମଧ୍ୟ କୋର୍ଟ ଯାଇଥିଲେ। କୋର୍ଟ ଉଭୟ ମାମଲାର ଆଦେଶ ତର୍ଜମା କରିବା ସହ ଶ୍ରୀ ପାତ୍ରଙ୍କ ସପକ୍ଷରେ ରାୟ ଦେଇଛନ୍ତି। ପୂର୍ବରୁ ୬୦ ଜଣ କର୍ମଚାରୀଙ୍କୁ ଦୁଇ ବର୍ଷର ଦରମା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଏହି ଆଦେଶ କାଏମ୍ ରହିଛି। ୧୯୯୯ ମସିହାରୁ କୋର୍ଟରେ ମାମଲା ଚାଲିଥିଲା। ଏହି ଆଦେଶ ପରେ ୨୪ ବର୍ଷର ଅଦାଲତୀ ଲଢ଼େଇ ଶେଷ ହୋଇଛି। ଉଲ୍ଲେଖଯୋଗ୍ୟ, ଶ୍ରୀ ସିହ୍ନା ଏକ ଲାଞ୍ଚ କାରବାରରେ ସିବିଆଇ ଦ୍ୱାରା ଗିରଫ ହେବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ। ତାଙ୍କର ଅନ୍ୟତମ ସହଯୋଗୀ କୁହାଯାଉଥିବା ଆଉ ଜଣେ ଅଧିକାରୀ ତାରାକାନ୍ତ ପ୍ରଧାନ ମଧ୍ୟ ସିବିଆଇ ଦ୍ୱାରା ଧରାପଡ଼ିଥିଲେ। କେତେକ ବରିଷ୍ଠ ଅଧିକାରୀ କର୍ମଚାରୀମାନଙ୍କ ଅଭିଯୋଗ କ୍ରମେ ସିବିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଆଶଙ୍କା କରି ଉଭୟ ଅଧିକାରୀ ମିଶି କର୍ମଚାରୀମାନଙ୍କୁ ଅକାଳରେ ଅବସର ଦେବାକୁ ଚକ୍ରାନ୍ତ କରିଥିବା ଅଭିଯୋଗ ହୋଇଥିଲା।

## କେନ୍ଦ୍ରାପଡ଼ାକୁ ୬ ମାସରେ ଆସିଲେଣି ୬ କେନ୍ଦ୍ରମନ୍ତ୍ରୀ

କଟକ , ୧୫/୦୫ (ନି.ପ୍ର): କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଉପରେ ବିଜେପି ସ୍ୱତନ୍ତ୍ର ନଜର ପକାଇଛି। ଏଥିପାଇଁ କେନ୍ଦ୍ରାପଡ଼ାକୁ ଲଗାତାର କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ଚାଲିଛି। ଗତ ୬ମାସ ଭିତରେ କେନ୍ଦ୍ର ସରକାରଙ୍କ ୬ଜଣ ମନ୍ତ୍ରୀ ଆସିଲେଣି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ନିଶିଥ୍ ପ୍ରାମାଣିକ ଓ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ପ୍ରମୁଖ ସରକାରୀ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିଲେ। ରବିବାର ଦିନ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାୟ ଦ୍ୱିତୀୟଥର ପାଇଁ କେନ୍ଦ୍ରାପଡ଼ା ଗସ୍ତରେ ଆସି ପ୍ରବାସ ଯୋଜନା ବୈଠକ କରିବା ସହ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହ କୋର କମିଟି ବୈଠକରେ ସାମିଲ ହୋଇଥିଲେ। କର୍ଣ୍ଣାଟକ ନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ରାୟ ଓ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ଶ୍ରୀ ପଣ୍ଡା କହିଥିଲେ ଯେ କର୍ଣ୍ଣାଟକରେ ନିୟମ ମୁତାବକ ନିର୍ବାଚନ ହୋଇଛି। ଇଭିଏମ୍ ଅପବ୍ୟବହାରକୁ ନେଇ କଂଗ୍ରେସ କରୁଥିବା ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଛି।

# ପେଟ ପାଇଁ ମଜୁରି ଲାଗୁଛନ୍ତି ପୂର୍ବତନ ସମିତିସଭ୍ୟା



କଳାବାଡ଼ିଆ , ୧୫/୦୫ (ନି.ପ୍ର): ସମିତିସଭ୍ୟା ଥିବାବେଳେ ବଡ଼ବଡ଼ିଆଙ୍କ ଗାଡ଼ି ଆସି ଘର ଆଗରେ ଛିଡ଼ା ହେଉଥିଲା। ଏବେ ଭାଗ୍ୟର ବିଡ଼ମ୍ବନା, ଗଣ୍ଡେ ଦାନା ପାଇଁ ସେହି ବଡ଼ବଡ଼ିଆଙ୍କ ନିକଟରେ ଖଟିବାକୁ ପଡୁଛି। ଏହି ପୂର୍ବତନ ସମିତି ସଭ୍ୟା ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ କଳାବାଡିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗାଁର ବେଲ ସିଂ (୪୩)। ୨୦୧୨ ମସିହା ପଞ୍ଚାୟତ ନିର୍ବାଚନରେ ବାଙ୍ଗିରିପୋଷି ବ୍ଲକ୍ କଳାବାଡ଼ିଆ ପଞ୍ଚାୟତରୁ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ ବେଲ। ସେତେବେଳେ ଗାଁ ଦାଣ୍ଡରେ ବାଣ ଫୁଟିଥିଲା, ଲୋକେ ଖୁସି ମନାଇଥିଲେ। ପରବର୍ତ୍ତୀ ସମୟରେ ବ୍ଲକ୍ ଅଧକ୍ଷ ପଦରେ ନିଜ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ୍‌ର ଆବଶ୍ୟକତା ପଡ଼ିବାରୁ ବେଲଙ୍କୁ ରାତିଅଧରେ ଘରୁ ଉଠାଇ ନେଇ ଅଜ୍ଞାତବାସକୁ ପଠାଇ ଦିଆଗଲା। ପରିବାର ସହିତ ପଞ୍ଚାୟତବାସୀ ଭାବିଲେ, ଆମର ଦୁଃଖ ଗଲା। ଗାଁ ବୋହୂ ବେଲର କ୍ଷମତା ବଢ଼ିଲା। ସ୍ୱାମୀ ମାଣ୍ଡୁ ସିଂ ମଧ୍ୟ ଗର୍ବ ଅନୁଭବ କଲେ। ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ ହଠାତ୍ ବେଲଙ୍କ ଭାଗ୍ୟରେ ଯେମିତି ଦୁର୍ଦ୍ଦିନ ମାଡ଼ିଆସିଲା। ନିର୍ବାଚିତ ହେବାର ୪ ବର୍ଷ ଭିତରେ ଶାଶୂ ଓ ଦୁଇ ଭେଣ୍ଡିଆ ଦିଅର ଆଗପଛ ହୋଇ ଆଖି ବୁଜିଲେ। ସେପଟେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ସ୍ୱାମୀ ମାଣ୍ଡୁ ସିଂ ମଧ ୮ ମାସ ତଳେ ପତ୍ନୀଙ୍କୁ ଛାଡ଼ି ଚାଲିଗଲେ। ଏହିଠାରୁ ଭଗବାନ ବିଧବା ବେଲଙ୍କର ଅସଲ ପରୀକ୍ଷା ଆରମ୍ଭ କରିଦେଲେ। ଦାରିଦ୍ର୍ୟ କଷାଘାତରେ ଜର୍ଜରିତ ହୋଇ ଭଲ ପଢୁଥିବା ଦୁଇପୁଅ ପାଠପଢ଼ା ଛାଡ଼ିଦେଲେ। ଏମିତିକି ୩ ପ୍ରାଣୀଙ୍କ ପେଟକୁ ଦାନା ଯୋଗାଡ଼ ପାଇଁ ୧୬ ବର୍ଷର ବାଳୁତ ବଡ଼ପୁଅ ବାଧ୍ୟବାଧକତାରେ ଚେନ୍ନାଇ ଯାଇ ଦାଦନ ଖଟିଲା। ବାପାର ଆକସ୍ମିକ ମୃତ୍ୟୁପରେ ଏବେ ସେ ଘରକୁ ଫେରିଆସିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୧୫ କିଲୋ ଚାଉଳ ବା କେତେଦିନ ଯାଆନ୍ତା। ପାଖରେ ଯାହା କିଛି ସଞ୍ଚିତ ଅର୍ଥ ଥିଲା, ସେଥିରେ ସ୍ୱାମୀଙ୍କର ଚିକିତ୍ସା ଓ ଶୁଦ୍ଧିକ୍ରିୟାରେ ସରିଗଲା। ଶେଷକୃତ୍ୟ ପାଇଁ ପଞ୍ଚାୟତରୁ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ଦୁଇ ହଜାର ବି ମିଳିଲାନି। ଗୋଟିଏ ସମୟରେ ଲୋକଙ୍କ ଭତ୍ତା ପାଇଁ ସୁପାରିସ କରୁଥିଲେ ବେଲ। ଅଥଚ ସ୍ୱାମୀ ମୃତ୍ୟୁର ୮ ମାସ ପରେ ନିଜର ବିଧବା ଭତ୍ତା ପାଇଁ ପଞ୍ଚାୟତ ଓ ବ୍ଲକ୍‌କୁ ଧାଇଁ ଧାଇଁ ନିରାଶ ହେବାପରେ ସମସ୍ତଙ୍କୁ ଛି କରି ଦେଇଛନ୍ତି। ଦୁଇପିଲାଙ୍କ ମୁହଁରେ ଦାନା ଦେବାପାଇଁ ଘର ଚାରିକାନ୍ଥରୁ ବାହାରିଛନ୍ତି। ଦିନକୁ ଦୁଇଶହ ଟଙ୍କା ମଜୁରିରେ ଗାଁର ମହିଳା ଶ୍ରମିକମାନଙ୍କ ସହିତ କୋଡ଼ି, କୋଦାଳ ଧରି କାମ କରିବାକୁ ପ୍ରତିଦିନ ଯାଉଛନ୍ତି ବାରିପଦା ସହରକୁ। ଏ ସଂପର୍କରେ ସରପଞ୍ଚ ମିତା ନାଏକଙ୍କୁ ପଚରାଯିବାରୁ ସେ କହିଥିଲେ, ଏବେ ଅନ୍‌ଲାଇନ୍ ମାଧ୍ୟମରେ ଭତ୍ତା ଦିଆଯାଉଛି। ଆମ ହାତରେ କିଛି ନାହିଁ କହି ନିଜର ଅସହାୟତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଏ ନେଇ ଅନୁଧାନ କରିବେ ବୋଲି କହିଛନ୍ତି।

# ମାଓବାଦୀଙ୍କ ନୂଆ ଜୋନ୍ ଏମ୍-ଏମ୍-ସି : ମହାରାଷ୍ଟ୍ର ପରେ ମଧ୍ୟପ୍ରଦେଶ ଉପରେ ନଜର



ମାଲକାନଗିରି , ୧୫/୦୫ (ନି.ପ୍ର): ମାଓବାଦୀମାନେ ଇତିମଧ୍ୟରେ ଏକ ନୂଆ ଜୋନ୍ ସୃଷ୍ଟିକରିଛି। ଯାହାକୁ ଏମ୍-ଏମ୍-ସି (ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼) ଜୋନ୍ ଭାବେ ନାମିତ କରାଯାଇଛି। ପୂର୍ବରୁ ଆନ୍ଧ୍ରରେ ଶକ୍ତି ହରାଇ ସାରିଥିବା ମାଓବାଦୀ ଓଡ଼ିଶାରେ ବି ଆଗଭଳି ସକ୍ରିୟ ନୁହନ୍ତି। ତେବେ, ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଏବେ ବି ଶକ୍ତି ପ୍ରଦର୍ଶନ କରୁଛନ୍ତି। ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଜୋରଦାର ଅପରେସନ ସତ୍ତ୍ୱେ ପୁଣି ବଳ ଜୁଟାଉଥିବା ଲାଲବାହିନୀ ରଣନୀତିରେ ବଡ଼ଧରଣର ପରିବର୍ତ୍ତନ କରିଛି। କ୍ଷେତ୍ର ବିସ୍ତାର ଅଭିଯାନ ଆରମ୍ଭ କରି ପ୍ରଥମେ ମହାରାଷ୍ଟ୍ର ଏବେ ମଧ୍ୟପ୍ରଦେଶରେ ସଂଗଠନକୁ ସଜାଡୁଥିବା ସୂଚନା ମିଳିଛି। ଏହି ସୂଚନା ଅନୁସାରେ, ଛତିଶଗଡ଼ ଏବଂ ମହାରାଷ୍ଟ୍ରର କେତେକ ଜିଲ୍ଲାରେ ପୂର୍ବରୁ ମାଓବାଦୀଙ୍କ ଉପସ୍ଥିତି ରହିଛି। ମଧ୍ୟପ୍ରଦେଶରେ ସ୍ଥିତିକୁ ମଜଭୁତ କରିବାକୁ ଯୁବକ, ଯୁବତୀଙ୍କୁ ପଥଭ୍ରଷ୍ଟ କରି ସଂଗଠନକୁ ଅଣାଯାଉଛି। ବର୍ତ୍ତମାନ ଏମ୍‌ଏମ୍‌ସି ଜୋନ୍‌ରେ ଛତିଶଗଡ଼ ସବୁଠାରୁ ଶକ୍ତିଶାଳୀ ସ୍ଥିତିରେ ଅଛନ୍ତି। ବସ୍ତର ଅଞ୍ଚଳରେ ଖାଲି ପଡ଼ିଥିବା ଏଲ୍‌ଜିଏସ୍ (ଲୋକାଲ ଗରିଲା ସ୍କ୍ୱାଡ୍) କମାଣ୍ଡର ପଦବିରେ ଯୁବକଙ୍କୁ ନିଯୁକ୍ତି ଦିଆଯାଉଛି। ମଧ୍ୟପ୍ରଦେଶ ସୀମାକୁ ପଠାଇବା ପାଇଁ କେବଳ ଦକ୍ଷିଣ ବସ୍ତର ଅଞ୍ଚଳର ଏଲଜିଏସ୍ ସଦସ୍ୟଙ୍କୁ ଚୟନ କରି ପଦୋନ୍ନତି ଦିଆଯାଉଛି। ଟିସିଓସି ଅଭିଯାନ ମାଧ୍ୟମରେ ନୂତନ ନିଯୁକ୍ତି ସହ ତାଲିମ ଦିଆଯାଉଛି। ଏମ୍‌ଏମ୍‌ସି ଜୋନ୍‌ରେ ନେତୃତ୍ୱ ନେବାପାଇଁ ମଧ୍ୟ ସେମାନଙ୍କୁ ପଠାଯାଉଛି। ଏ ସମ୍ପର୍କରେ ଛତିଶଗଡ଼ର ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁସାରେ, ମଧ୍ୟପ୍ରଦେଶ ସୀମାରେ ଏମ୍‌ଏମ୍‌ସି ଜୋନ୍ କରି ନୂଆ କରିଡର ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ମାଓବାଦୀ। ତେବେ, ଏହା ଓଡ଼ିଶା ଉପରେ କିଭଳି ପ୍ରଭାବ ପକାଇବ, ଆଗାମୀଦିନରେ ସ୍ପଷ୍ଟ ହୋଇଯିବ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ TRD-KGP-W-୨୦୨୩-୨୪-୦୪, ତାରିଖ: ୧୨.୨୫,୨୦୨୩ ସିନିୟର ଡିଭିଜନାଲ ବୈଦ୍ୟୁତିକ ଇଞ୍ଜିନିୟର / ଟିଆରଡି, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର - ୭୨୨୩୦୧ ଏବଂ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଛନ୍ତି। ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ଆଇଟମଗୁଡିକ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ ।

କାର୍ଯ୍ୟର ବର୍ଣ୍ଣନା: ୫୦ ନଂ ପାଇଁ ୨୫ kV / ୨୪୦ ଭୋଲ୍ଟ ସହାୟକ ଟ୍ରାନ୍ସଫର୍ମର ସ୍ଥାପନ, ପରୀକ୍ଷା ଏବଂ କମିଶନ । ୧୦ kVA ଏବଂ ୮ ନଂ ଖଡ଼ଗପୁର ଡିଭିଜନ ଉପରେ ୨୫ କେଭିଏ କ୍ଷମତା ସମ୍ପନ୍ନ । ଟେଣ୍ଡର ମୂଲ୍ୟ: Rs-80,02,472.22 EMD: 1,16,100 / -। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ଶୂନ୍ୟ । ସମାପ୍ତି ଅବଧି: ୧୨ ମାସ । ଦାଖଲ ତାରିଖ: ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୦୧.୦୬.୨୦୨୩ ର ଖୋଲିବାର ତାରିଖ: ୦୧.୦୬.୨୦୨୩ ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

ଟିପନ୍ଣୁ: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶା କରୁଥିବା ବିଡରମାନେ ନିୟମିତ ଭାବରେ www.ireps. gov.in ପରିଦର୍ଶନ କରିପାରିବେ ।

(PR-163)


# ଜଳେଶ୍ୱର ବ୍ଲକରେ ଯୁଗ୍ମ ଜନଶୁଣାଣି



ଜଳେଶ୍ୱର , ୧୫/୦୫ (ନି.ପ୍ର): ଜିଲା ପ୍ରଶାସନ ପୂର୍ବ ସୂଚନା ଅନୁଯାୟୀ ଆଜି ଜଳେଶ୍ୱର ବ୍ଲକର ଯୁଗ୍ମ ଜନଶୁଣାଣି ବ୍ଲକ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୩୩ ଟି ଅଭିଯୋଗ ପଂଜିକୃତ ହୋଇଥିବା ଜଣାଯାଇଛି । କିନ୍ତୁ ମାମଲା ଗୁଡିକର ଫଇସାଲା ହେଉନଥିବାରୁ ଏପରି ଜନଶୁଣାଣି ପ୍ରତି ଜନସାଧାରଣଙ୍କ ବିଶ୍ୱାସ କମୁଥିବା ଅଭିଯୋଗକାରୀମାନେ କହିଛନ୍ତି । ବାଲେଶ୍ୱରର ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଓ ଏସ୍‌ପି ସାଗରିକା ନାଥଙ୍କ ଉପସ୍ଥିତିରେ ଅଭିଯୋଗ ବିଭିନ୍ନ ଅଭିଯୋଗର ଶୁଣାଣୀ ହୋଇଥିଲା । ପୂର୍ବ ଯୁଗ୍ମ ଶୁଣାଣି ତୁଳନାରେ ଚଳିତ ଥର କମ୍ ସଂଖ୍ୟକ ଅଭିଯୋଗ ପଂଜିକୃତ ହୋଇଥିବା ଜଣାଯାଇଛି । କେତେକ ମାମଲା ବାରମ୍ବାର ଯୁଗ୍ମ ଜନଶୁଣାଣିରେ ପଂଜିକୃତ ହେଉଥିଲେ ମଧ୍ୟ ସେ ସବୁର ବିଚାର ଶେଷ ହେଉନଥିବାରୁ ଲୋକଙ୍କ ବିଶ୍ୱାସ କମୁଥିବା କୁହାଯାଇଛି । ଚଳିତଥର ଆବାସ ବଣ୍ଟନରେ ଅନିୟମିତତା, ଭତ୍ତା ମିଳିନଥିବା, ଠିକାଦାରଙ୍କ ଦ୍ୱାରା ୫ଟି ବିଦ୍ୟାଳୟ କାର୍ଯ୍ୟଗୁଡିକ ଅଂଶପୂର୍ଣ୍ଣ ଥିବା, ବିବଦମାନ ପରିସ୍ଥିତିରେ ସରକାରୀ ନିର୍ମାଣକାର୍ଯ୍ୟ ଚାଲୁଥିବା ଇତ୍ୟାଦି ସଂପର୍କରେ ଅଭିଯୋଗ ହୋଇଛି । ଏଥିରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଂଜନ ନାୟକ, ସିଡିଏମ୍‌ଓ ଦୁଲାଲ ସେନ୍ ଜଗଦେବ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଶେଷନାଗ ପ୍ରଧାନ, ଡିଡିଏଚ୍ ତପନ କୁମାର ମହାନ୍ତି, ସିଡିଏଓ ସରୋଜ ମହାପାତ୍ର, ଡିଡବ୍ଲୁଓ ଉର୍ମିତା ଗୋଛାୟତ, ସିଡିଭିଓ ବିଶ୍ୱଜିତ ସାହୁ, ବିଡିଓ ପୁନମ ରାଉତ, ବିପିଓ ପିସି ବେହେରା, ଡିଏସ୍‌ଡବ୍ଲୁଓ କୁନ୍ତଳା କୁମାର ମଲ୍ଲିକ, ତହସିଲଦାର ମିହିର ରଂଜନ ବେହେରା, ପୌରଅଧିକାରୀ ଅଜୟ ମହାପାତ୍ର, ଜଳସଂପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଭାସ ପ୍ରଧାନ, ଜଳ ନିଷ୍କାସନ ବିଭାଗ ଏସ୍‌ଇ ଇରାଗ ବେହେରା, କ୍ଷୁଦ୍ର ଜଳସେଚନ ଏସ୍‌ଇ ଅରୁଣ କୁମାର ଦେ, ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ବେହେରା, ଟାଟା ପାୱାରର ଅଧିକାରୀ ଏସ୍‌ଏସ୍ ରାୟ ଓ ସୌମ୍ୟରଂଜନ ନାୟକ, ଡିଆଇସିର ଜିଏମ୍ ଅକ୍ଷୟ କୁମାର ଦାସ, ଡିଏସ୍‌ଏସ୍ କୃଷ୍ଣ ଚରଣ ବେହେରା, ସିଡିପିଓ ଚମ୍ପାରାଣୀ ମୁର୍ମୁ, ଲେବର ଅଫିସର ବୃନ୍ଦାବନ ସେଠୀ, ଏଆର୍‌ସିଏସ୍ ଅମୂଲ୍ୟ ସେଠୀ, ଜନସ୍ୱାସ୍ଥ୍ୟ ବିଭାଗର ଏସ୍‌ଇ କିଶୋର ସାମଲ, ଯୋଗାଣ ନିରିକ୍ଷକ ଅବନ୍ତିକା ସାହୁ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି ପ୍ରମୁଖ ବହୁ ଅଧିକାରୀ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ଜିଲାପାଳ ବାରମ୍ବାର ଏହି ଯୁଗ୍ମ ଶୁଣାଣୀରେ ଅନୁପସ୍ଥିତ ରହୁଥିବାରୁ ଲୋକଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହୋଇଥିଲା ।

# ଚମାରଗାଁ ପଂଚାୟତରେ ମିଶନ ଶକ୍ତିର ଗାଈକିଣା ଘୋଟାଲା

## ହିତାଧିକାରୀଙ୍କ ଗାଈ ଧରି ବ୍ଲକ ସମ୍ମୁଖରେ ଧାରଣା : ତଦନ୍ତର ପ୍ରତିଶ୍ରୃତି

ଜଳେଶ୍ୱର , ୧୫/୦୫ (ନି.ପ୍ର): ସରକାରଙ୍କ ଯୋଜନା ଅନୁଯାୟୀ ଏଣିକି ମିଶନଶକ୍ତି ଓ ଜିବିକା ମିଶନ ଜରିଆରେ ମହିଳା ମାନଙ୍କ ଆର୍ଥିକ ବିକାଶ ଲାଗି ଗାଈ ଯୋଗାଇ ଦିଆଯାଉଛି । ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କ ମାନରେ ଗୋଟିଏ ଗାଈ କିଣି ଦିଆଯାଇଛି । କିନ୍ତୁ ଏହି ଗାଈ କିଣାରେ ବ୍ୟାପକ ଘୋଟାଲା ହୋଇଥିବା ଜଣାଯିବାପରେ କଂଗ୍ରେସ ଏହାକୁ ଗୁରୁତରଭାବେ ଗ୍ରହଣ କରିଛି । ପୂର୍ବରୁ ଏଥିଲାଗି ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷ୍ୟରୁ ମଧ୍ୟ ବହୁ ଅଭିଯୋଗ ଅଣାଯାଇଥିଲା । ପ୍ରକାଶଯୋଗ୍ୟ ୩୦ହଜାର ଟଙ୍କା ଲେଖାଏଁ ମୂଲ୍ୟରେ କିଣାଯାଇଥିବା ଗାଈର ବାସ୍ତବିକ ମୂଲ୍ୟ ତାହା ନୁହେଁ । ଗାଈ ଗୁଡିକ ଖୁବ୍ କମ୍ କ୍ଷୀର ଦେଉଥିବା, କେତେକ ଗାଈର ବାଛୁରୀ ନ ଥିବା, ବୟସାଧିକାଇ କାଣିଯାଇଥିବାରୁ ହିତାଧିକାରୀ ମାନେ ଏବେ ପ୍ରମାଦ ଗଣୁଛନ୍ତି । ଏ ସଂପର୍କରେ ଗୋଟିଏ ବିଭାଗ ଅନ୍ୟ ବିଭାଗ ଉପରେ ଦୋଷ ଲଦି ଚାଲିଥିବା ବେଳେ ୨ ଦିନ ତଳେ ପ୍ରାଣୀ ବିଭାଗ ପକ୍ଷରୁ ତଦନ୍ତ ଶେଷ ହୋଇଛି । ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡବିଧାନ ଲାଗି ଆଜି ଜଳେଶ୍ୱର ବ୍ଲକ ସମ୍ମୁଖରେ ହିତାଧିକାରୀ, ବିଜେପି ଓ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା । ସକାଳ ୭ରୁ ଆନ୍ଦୋଳନକାରୀମାନେ ଧାରଣାରେ ବସିଥିଲେ ମଧ୍ୟ ଦିନ ସାଢେ ୧୧ଟାରେ ଅତିରିକ୍ତ ଜିଲାପାଳ ନିଲୁମହାପାତ୍ର ଜନଶୁଣାଣୀ ଶେଷ କରି ଆନ୍ଦୋଳନକାରୀଙ୍କ ନିକଟକୁ ଯାଇଥିଲେ । ଏ ସଂପର୍କରେ ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ, ପିଡି ଡିଆର୍‌ଡିଏ ଓ ବିଡିଓ ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଆଜିର ଆନ୍ଦୋଳନରେ ସୁଦର୍ଶନ ଦାସ, ହେମନ୍ତ ଗିରି, ତପନ ଘୋଷ, ତପନ ସାମଲ, ନବିନ ଦାସ, ରାହୁଲ ଗିରି, ଚନ୍ଦ୍ରକାନ୍ତ ମଲ୍ଲିକ, ତ୍ରିଲୋଚନା ଦାସ ଅଧିକାରୀ, ମୁନା ଜେନା ଓ ବିଜେପିର ମନୋଜ ସାସମଲ, ପ୍ରଣବ ପଣ୍ଡା, ତପନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆବଜାର ବୀଣା ହୋଟେଲ ଗଳିରେ ଜଉକଣ୍ଢେଇ ବାହାଘର

## ବର-କନ୍ୟାଙ୍କ ହଳଦୀ ଲଗା ଓ ଗାଧୁଆ ପର୍ବ ଶେଷ



ବାଲେଶ୍ୱର, ୧୫/୦୫ (ନି.ପ୍ର): ସ୍ଥାନୀୟ ନୂଆବଜାର ବୀଣା ହୋଟେଲ ଗଳି ମହିଳା ଓ ଶିଶୁମାନଙ୍କ ଦ୍ୱାରା ୧୨ତମ ଜଉକଣ୍ଢେଇ ବାହାଘର ପାଇଁ ହଳଦୀ ମଖା ଓ ଗାଧୁଆ ପର୍ବ ପାରମ୍ପରିକ ରୀତିରେ ସମାପନ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ ଜିଲାର ଯୁବ ବୁଣାକାର ଚନ୍ଦନ ମେହେର ଯୋଗ ଦେଇ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଜଉକଣ୍ଢେଇର ବର କନିଆଁ ଦେହରେ ସୁବାସିତ ହଳଦୀ ଲଗାଇ ଶୁଦ୍ଧ ଜଳରେ ଗାଧୋଇ ଦେଇ ଥିଲେ। ଏହା ପରେ ବର କର୍ତ୍ତା ମୌସୁମୀ ଦାସଅଧିକାରୀ ଓ କନିଆଁ କର୍ତ୍ତା ବନିତା ବେହେରା, ସେକ୍ ଚିଣ୍ଟୁ, ଯୁବ ବିକାଶ ସଂଗଠନର ଗୋବିନ୍ଦ ଦଳାଇ, ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ଆବାହକ ଶିଳ୍ପୀ କେଶୁଦାସ, କନକଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ହଳଦୀ ମଖା ଓ ଗାଧୁଆ ପର୍ବ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ଜଉକଣ୍ଢେଇ ଶିଳ୍ପୀ ରାକେଶ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସନ୍ଧ୍ୟାରେ ପାରମ୍ପରିକ ରୀତିରେ ଲାବଣ୍ୟବତୀ ଜଉକଣ୍ଢେଇ ସହ ଚନ୍ଦ୍ରଭାନୁ ଜଉକଣ୍ଢେଇରର ବିବାହ କାର୍ଯ୍ୟ ସମାନ ହୋଇଯାଇଥିଲା। ଆସନ୍ତା କାଲି ଭୋଜିଭାତ ଓ ନାଚଗୀତ କରି ଆନନ୍ଦ ଉଲ୍ଲାସରେ ଉତ୍ସବ ପାଳନ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଦେଶି ମଦ ଚାଲାଣ ବେଳେ ଚଢଉ: ୨ ଗିରଫ

ଜୟପୁର, ୧୫/୦୫ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ପକ୍ଷରୁ ଚଢଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡାର ମାଧବ ବଡନାୟକ (୩୫) ଓ ଘେନୁ ମୁଦୁଲି (୩୨)। ଅବକାରି ବିଭାଗର ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ କରାଯାଉଥିବା ନେଇ ଜୟପୁର ଅବକାରି ବିଭାଗ ସୂଚନା ପାଇ ବାଗ୍ରାଗୁଡାର ଗ୍ରାମ ରାସ୍ତାରେ ଚଢଉ କରିଥିଲା । ଚଢଉ କରି ମାଧବ ବଡ ନାୟକ ଓ ଘେନୁ ମୁଦୁଲି ଠାରୁ ୩୦ ଲିଟର ଦେଶି ମଦ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଷ୍ଟେସନଛକ ଟ୍ରାଫିକ ପଏଣ୍ଟରେ ସିସି କ୍ୟାମେରା ଉଦ୍‌ଘାଟିତ

ବାଲେଶ୍ୱର, ୧୫/୦୫ (ନି.ପ୍ର): ଟ୍ରାଫିକ ବ୍ୟବସ୍ଥାର ସୁନିୟନ୍ତ୍ରଣ ସହ ଅପରାଧ ଓ ଅପରାଧୀଙ୍କ ଉପରେ ନଜର ରଖିବା ପାଇଁ ଜିଲା ପୁଲିସ ପକ୍ଷରୁ ପ୍ରୋଜେକ୍ଟ ସହଯୋଗ ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଷ୍ଟେସନ ଛକ ଟ୍ରାଫିକ ପଏଣ୍ଟରେ ସିସି କ୍ୟାମେରା ସ୍ଥାପିତ ହୋଇଯାଇଛି। ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ସିସି କ୍ୟାମେରା ବ୍ୟବସ୍ଥାକୁ ଉଦଘାଟନ କରିବା ସହିତ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସହରବାସୀଙ୍କ ସହଯୋଗରେ ତଥା କ୍ରାଉଡ ଫଣ୍ଡିଂ ଜରିଆରେ ବିଭିନ୍ନ ଛକରେ ଏହିଭଳି ସିସି କ୍ୟାମେରା ସ୍ଥାପନ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ସିନେମା ଛକରେ ଏହି ବ୍ୟବସ୍ଥା ସ୍ଥାପନ କରାଯାଇଥିବା ବେଳେ ଏବେ ଷ୍ଟେସନଛକରେ ଲଗାଯାଇଛି। ଆଗାମୀ ଦିନରେ ଗୋଲାପୋଖରୀ ଛକ, ଫୁଲାଡି ଛକ, ପୁରୁଣା ବାଲେଶ୍ୱର ସମେତ ୨୮ ଗୋଟି ସ୍ଥାନରେ ଏହି ବ୍ୟବସ୍ଥା ପ୍ରତିଷ୍ଠା କରାଯିବ ବୋଲି ଏସପି ଶ୍ରୀମତୀ ନାଥ ପ୍ରକାଶ କରିଛନ୍ତି। ନୂତନ ଭାବେ ଲଗାଯାଉଥିବା ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଂଣ୍ଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯାଇଛି। ଏଥିପାଇଁ ବାଲେଶ୍ୱରର ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା 'ଓଡ଼ିନେଟ ଇନଫୋକମ୍‌ର ଫାଇବର ନେଟୱାର୍କ ବ୍ୟବହାର କରାଯାଉଛି। ଷ୍ଟେସନ ଛକରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଚରଣ ଦାସମହାପାତ୍ର ଆର୍ଥିକ ସହଯୋଗ ପ୍ରଦାନ କରିଥିବାରୁ ଏସପି ଶ୍ରୀମତୀ ନାଥ ତାଙ୍କୁ ଓ ତାଙ୍କ ରିବାରବର୍ଗଙ୍କୁ ଏହି ଅବସରରେ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ବ୍ୟାଙ୍କ, ଜୁୟେଲାରୀ ଦୋକାନ, ବ୍ୟବସାୟିକ ସଂସ୍ଥା ସହିତ ଆବାସିକ କଲ୍ୟାଣ ସଂଗଠନମାନଙ୍କରେ ଏହି ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ଅପରାଧ ନିୟନ୍ତ୍ରଣ ଓ ଅପରାଧିଙ୍କୁ ଚିହ୍ନଟ ସହ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇପାରିବ ବୋଲି ଏସପି କହିଛନ୍ତି। ବାଲେଶ୍ୱର ସହରରେ ଅପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ ପୁଲିସ ପ୍ରଶାସନକୁ ସହଯୋଗ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଶ୍ରୀ ଦାସମହାପାତ୍ର ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଓ ଟ୍ରାଫିକ ଡିଏସିପି ଆଲୋକ ରଂଜନ ରାୟ, ଡିଆଇବି




ଡିଏସପି ବ୍ରଜେଶ୍ୱରୀ ବଳ, ଡିଏସପି ମାନସ ଦେଓ, ସଦର ଏସଡିଓ ଡ. ଶଶାଙ୍କ ଶେଖର ବେହୁରା, ସିଟି ଡିଏସପି ଗାୟତ୍ରୀ ବାଳା ପ୍ରଧାନ, ଟାଉନ ଥାନାଧିକାରୀ ପର୍ଶୁରାମ ସାହୁ, ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ରେମୁଣା ଥାନାଧିକାରିଣୀ ପ୍ରେମପ୍ରଜ୍ଞା ମହାନ୍ତି, ଟ୍ରାଫିକ ଥାନାଧିକାରୀ ଗଣେଶ୍ୱର ପ୍ରଧାନ, ଓଡ଼ିନେଟ୍ ଇନ୍‌ଫୋକମ୍‌ର ନିର୍ଦ୍ଦେଶକ ଦେବଜ୍ୟୋତି ଦାସ ମହାପାତ୍ର, ଦେବସ୍ମାନ ଦାସମହାପାତ୍ର ଓ ଓଡିନେଟର କର୍ମଚାରୀମାନେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଅସହ୍ୟ ଗୁଳୁଗୁଳିରେ ....

ସୁନ୍ଦରଗଡ଼ରେ ୪୨.୪ ଡିଗ୍ରୀ, ରାଉରକେଲାରେ ୪୨.୨ ଡିଗ୍ରୀ, ବରଗଡ଼ରେ ୪୨.୧ ଡିଗ୍ରୀ, ତାଳଚେରରେ ୪୨.୦ ଡିଗ୍ରୀ, ନୂଆପଡ଼ାରେ ୪୨.୦ ଡିଗ୍ରୀ, ନୟାଗଡ଼ରେ ୪୨.୦ ଡିଗ୍ରୀ, ହୀରାକୁଦରେ ୪୧.୯ ଡିଗ୍ରୀ, ନବରଙ୍ଗପୁରରେ ୪୦.୪ ଡିଗ୍ରୀ ଓ ଭଦ୍ରକରେ ୪୦.୦ ତାପମାତ୍ରା ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ପାରଳାଖେମୁଣ୍ଡିରେ ୩୯.୫ ଡିଗ୍ରୀ, ଦେବଗଡ଼ରେ ୩୯.୨ ଡିଗ୍ରୀ, ଢେଙ୍କାନାଳରେ ୩୯.୧ ଡିଗ୍ରୀ, ରାୟଗଡ଼ାରେ ୩୮.୮ ଡିଗ୍ରୀ, ଚାନ୍ଦବାଲିରେ ୩୮.୫ ଡିଗ୍ରୀ, କେନ୍ଦୁଝରରେ ୩୮.୪ ଡିଗ୍ରୀ, ଭୁବନେଶ୍ୱରରେ ୩୮.୪ ଡିଗ୍ରୀ, ଜଗତସିଂହପୁରରେ ୩୮.୩ ଡିଗ୍ରୀ, ଯାଜପୁରରେ ୩୮.୦ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୮.୦ ଡିଗ୍ରୀ, କଟକରେ ୩୭.୬ ଡିଗ୍ରୀ, ଫୁଲବାଣୀରେ ୩୭.୩ ଡିଗ୍ରୀ, ଖୋର୍ଦ୍ଧାରେ ୩୭.୦ ଡିଗ୍ରୀ, କୋରାପୁଟରେ ୩୭.୦ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୭.୦ ଡିଗ୍ରୀ, ବାଲେଶ୍ୱରରେ ୩୫.୪ ଡିଗ୍ରୀ, ବାରିପଦାରେ ୩୫.୨ ଡିଗ୍ରୀ, ଛତ୍ରପୁରରେ ୩୫.୦ ଡିଗ୍ରୀ, ପୁରୀରେ ୩୪.୭ ଡିଗ୍ରୀ, ପାରାଦୀପରେ ୩୪.୭ ଡିଗ୍ରୀ ଓ ଗୋପାଳପୁରରେ ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ପାଣିପାଗ ବିଶେଷଜ୍ଞଙ୍କ ମତରେ ସାଇକ୍ଲୋନ୍ ମୋକା ପାଇଁ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରୁ ଗରମ ଓ ଶୁଷ୍କ ପବନ ଆସୁଥିବାରୁ ରାଜ୍ୟରେ ତାପମାତ୍ରା ବଢୁଛି। ଅପରପକ୍ଷେ ଗୁରୁଚାପ ବଳୟ ବି ସୃଷ୍ଟି ହେଉ ନଥିବାରୁ କାଳବୈଶାଖୀ ନାହିଁ। ତେଣୁ ଏଭଳି ସ୍ଥିତି ଉପୁଜିଛି।

## ଦିନ ଦ୍ୱିପ୍ରହରରେ...

ପୁରୁଷ କର୍ମଚାରୀଙ୍କୁ ପିଟିବା ସହ ମାରିଦେବାକୁ ଧମକାଇ ଥିଲେ। କେହି ଆଲାରମ ବଜାଇଲେ କିମ୍ବା ବାହାର ଲୋକଙ୍କୁ ସୂଚନା ଦେବାକୁ ଚେଷ୍ଟା କଲେ ଗୁଳି କରିଦେବେ ବୋଲି ବାରମ୍ବାର କହୁଥିଲେ। ସମସ୍ତ ଡକାୟତଙ୍କ ପାଖରେ ବନ୍ଧୁକ ଥିଲା। ଏହି ଘଟଣାରେ ଅତ୍ୟଧିକ ଭୟଭୀତ ହୋଇ ଜଣେ ମହିଳା ଓ ଜଣେ ପୁରୁଷ ଚେତା ହରାଇଥିଲେ। ପରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡକାୟତମାନେ କର୍ମଚାରୀମାନଙ୍କ ମୋବାଇଲ ସହିତ ଶୋ'ରୁମ୍ କମ୍ପ୍ୟୁଟରରୁ ହାର୍ଡଡିସ୍କ ଖୋଲି ନେଇଯାଇଛନ୍ତି। ପାଖାପାଖି ୪୫ ମିନିଟ୍ ଧରି ଡକାୟତମାନେ ଶୋ'ରୁମ୍ ଭିତରେ ଉତ୍ପାତ ଜାରି ରଖିଥିଲେ। ଶୋ ରୁମ୍ ?ରୁ କେତେ ପରିମାଣର ଅଳଙ୍କାର ଲୁଟ୍ କରିଛନ୍ତି ତାହା ଯାଞ୍ଚ ପରେ ଜଣାପଡ଼ିବ ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ଜୁଏଲାରୀ ଶୋ' ରୁମ୍‌କୁ କିଣାକିଣି କରିବାକୁ ଆସିଥିବା ବିଜୟ କୁମାର ସ୍ୱାଇଁ ଓ ତାଙ୍କ ପତ୍ନୀ କହିଛନ୍ତି, ଶୋ' ରୁମ୍ ଗେଟ୍ ପାଖରେ ପହଞ୍ଚିବା କ୍ଷଣି ଜଣେ ବ୍ୟକ୍ତି ମେଟାଲ ଡିଟେକ୍ଟରରେ ପ୍ରଥମେ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଦୁହିଁଙ୍କୁ ଭିତରକୁ ପେଲି ଦେଇଥିଲେ। ଭିତରେ ଉପସ୍ଥିତ ଡକାୟତମାନେ ସେମାନଙ୍କୁ ଧରି ନେଇ ଗୋଟିଏ ସ୍ଥାନରେ ବସାଇ ଦେଇଥିଲେ ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। ହେଲେ ପିନ୍ଧିଥିବା ସୁନାଗହଣା ମାଗି ନ ଥିଲେ। ଜୁଏଲାରୀ ଶୋ' ରୁମ୍‌ରେ ଡକାୟତି କରିସାରିବା ପରେ ଘଟଣାସ୍ଥଳରୁ ପଳାଇଥିଲେ। ମହିଳାମାନଙ୍କୁ ଟଏଲେଟ୍ ଭିତରେ ପୂରାଇ ବାହାରୁ କବାଟ ଲକ୍ କରିଦେଇଥିଲେ। ଯିବା ବେଳେ ଶୋ'ରୁମ୍ ବାହାରୁ ମଧ ଲକ୍ କରି ଦେଇଥିଲେ। ପୁଲିସ ପହଞ୍ଚି ଶୋ' ରୁମ୍ ଲକ୍ ଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରିଥିଲା।

## ଦୀପାଳି ଦାସଙ୍କ ....

ଦୀପାଳି ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେବା ସହ ବାପା ଛାଡ଼ିଯାଇଥିବା ଅଧୁରା କାମକୁ ପୂରଣ କରିବେ କହିଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡ଼ା ଉପନିର୍ବାଚନରେ ଦିବଙ୍ଗତ ନେତା ନବ କିଶୋର ଦାସଙ୍କ ଝିଅ ଦୀପାଳି ବିପୁଳ ଭୋଟରେ ବିଜୟ ଲାଭ କରିଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ୪୮ ହଜାର ୭୨୧ ଖଣ୍ଡ ଭୋଟରେ ହରାଇଥିଲେ।

## ସର୍ତ୍ତରେ ....

କଂଗ୍ରେସର ୨୦୦ ଆସନରେ ମଜବୁତ ସ୍ଥିତି ରହିଛି। ଯଦି ରାଜ୍ୟ ହିସାବରେ ଦେଖିବା ତେବେ ଉତ୍ତର ପ୍ରଦେଶରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟିର ଜନାଧାର ରହିଛି। ତେଣୁ ସେଠାରେ ଆମେ ଅଖିଳେଶଙ୍କୁ ସମର୍ଥନ ଦେବା ଉଚିତ୍। ମୁଁ କହୁନାହିଁ ଯେ, ସେଠାରେ କଂଗ୍ରେସ ନିର୍ବାଚନ ଲଢିବ ନାହିଁ। ଏ ନେଇ ଆମେ ମିଶି କି ଆଲୋଚନା କରିବା ଦରକାର। ବାନାର୍ଜୀ ପ୍ରସ୍ତାବ ଦେଇଛନ୍ତି ଯେ, ଭାରତରେ ସମସ୍ତ ବିରୋଧୀ ଦଳକୁ ଏକଜୁଟ୍ ହେବା ଉଚିତ୍ ଏବଂ ଯେଉଁ ରାଜ୍ୟରେ ଯେଉଁ ଦଳ ମଜବୁତ ଅଛି ସେଠାରେ ଆମ ସମସ୍ତଙ୍କୁ ସମର୍ଥନ ଦେବା ଉଚିତ୍। ଉଦାହରଣ ସ୍ୱରୂପ ଦିଲ୍ଲୀରେ ଆପ୍‌କୁ, ପଶ୍ଚିମବଙ୍ଗରେ ଟିଏମସିକୁ, ବିହାରରେ ଜେଡିୟୁ-ଆରଜେଡି ମେଣ୍ଟକୁ ଏବଂ ଅନ୍ୟ ରାଜ୍ୟରେ ଏହି ସମୀକରଣ ହିସାବରେ ସମର୍ଥନ କରାଯାଉ ବୋଲି ମମତା କହିଛନ୍ତି। ଯଦି କଂଗ୍ରେସ ଏହି ପ୍ରସ୍ତାବରେ ରାଜି ତେବେ ଟିଏମସି ସମର୍ଥନ ଦେବ।

## ଦିଲ୍ଲୀ ଅବକାରୀ...

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଗିରଫ କରିଛି। ଇଡି ମଧ ମନିଲଣ୍ଡ୍ରିଂ ମାମଲାରେ ମନୀଷଙ୍କ ଗିରଫ କରିଛି। ମନୀଷ ସିସୋଦିଆ ବର୍ତ୍ତମାନ ତିହାଡ଼ ଜେଲ୍‌ରେ ଅଛନ୍ତି।

## ଅଦାନୀ....

ସିଜେଆଇ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ପିଏସ ନରସିମାହ ଏବଂ ଜଷ୍ଟିସ ଜେବି ପାରଦିୱାଲାଙ୍କ ପୀଠ ମାମଲାର ଶୁଣାଣି କରୁଛନ୍ତି। ସେବିକୁ ନିଜର ତଦନ୍ତ ଅଧିକ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି। ଆମେ ଅଗଷ୍ଟ ମାସ ପର୍ଯ୍ୟନ୍ତ ସମୟ ଦେଇ ପାରିବୁ। କିନ୍ତୁ ସେବିକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମୟ ଦେଇ ପାରିବୁ ନାହିଁ ବୋଲି ଉଚ୍ଚତମ ନ୍ୟାୟାଳୟ କହିଛନ୍ତି।

## ଦୁବାଇ ଅଭିମୁଖେ .....

ଓଡ଼ିଶା ପର୍ଯ୍ୟଟନ କିଟ୍ ବ୍ୟାଗ୍, ଫୁଲ ଗୁଚ୍ଛ ସହ ମିଠା ଦିଆଯାଇଥିଲା । ସେହିପରି ଦୁବାଇରୁ ଭୁବନେଶ୍ୱର ଆସି ପହଞ୍ଚିଥିବା ଯାତ୍ରୀଙ୍କୁ ବିମାନବନ୍ଦରରେ ସ୍ୱାଗତ କରାଯାଇଥିଲା । ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ରହିଥିଲେ । ୫ଟି ସଚିବ ଭି କେ ପାଣ୍ଡିଆନଙ୍କ ଉପସ୍ଥିତିରେ ଶୁଭେଚ୍ଛା କେକ୍ କଟାଯାଇଥିଲା । ସପ୍ତାହରେ ୩ଦିନ ସୋମବାର, ବୁଧବାର ଓ ଶୁକ୍ରବାର ବିମାନ ସେବା ଚାଲିବ । ଜୁନ ୩ରୁ ଭୁବନେଶ୍ୱରରୁ ସିଙ୍ଗାପୁର ଓ ଭୁବନେଶ୍ୱରରୁ ବ୍ୟାଙ୍କକକୁ ମଧ ସିଧାସଳଖ ବିମାନ ସେବା ଆରମ୍ଭ ହେବ । ଏହି ସହରକୁ ସପ୍ତାହରେ ଦୁଇ ଦିନ ବିମାନ ଉଡିବ । ଟିକେଟର ମୂଲ୍ୟ ରହିଛି ୧୦ ହଜାର ଟଙ୍କା । ତେବେ ଯିବା ଆସିବା ଉଭୟ ପାଇଁ ଟିକେଟର ମୂଲ୍ୟ ୨୦ ହଜାର ଟଙ୍କା ରଖାଯାଇଛି । ଦୁବାଇ ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ସେବା ଫଳରେ ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ସହ ନିଯୁକ୍ତିରେ ମଧ ସହାୟକ ହେବ ।

# ଅପରା ଜଳକ୍ରୀଡ଼ା ଏକାଦଶୀ

ପୁରୀ, ୧୫/୦୫ (ନି.ପ୍ର): ଆଜି ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଜଳକ୍ରୀଡ଼ା ଏକାଦଶୀ । ଅପରା ଏକାଦଶୀ ' ବା ' ଶମ୍ଭୁ ଏକାଦଶୀ ' ଭାବେ ଆଜିର ଦିନକୁ ପାଳନ କରାଯାଏ । କାରଣ ଏହି ଏକାଦଶୀ ବ୍ରତ ପାଳନ ଫଳରେ ବ୍ରତୀ ଅପାର ସଂସାର ସମୂହକୁ ସହଜରେ ପାରି ହୋଇଥାଏ । ଯେତେ ଯେତେ ମହାପାପ ଯଥା କ୍ଷତ୍ରୀୟମାନେ ଯୁଦ୍ଧକ୍ଷେତ୍ରରୁ ପୃଷ୍ଠଭଙ୍ଗ ଦେବା, ମାତା, ପିତା ତଥା ଗୁରୁଜନଙ୍କ ନିନ୍ଦା କରିବା, ବ୍ରହ୍ମହତ୍ୟା କରିବା, ଗୋହତ୍ୟା କରିବା, ପରସ୍ତ୍ରୀକୁ ହରଣ କରିବା, ମିଥ୍ୟା କହିବା, ମିଥ୍ୟା ବେଦ ପଢ଼ିବା, ମିଥ୍ୟା ଶାସ୍ତ୍ର ଲେଖିବା ଏବଂ ମିଥ୍ୟା ବିଦ୍ୟା ଇତ୍ୟାଦି ଅଭ୍ୟାସ କରିବା ଜନିତ ଯେତେ ଅପରାଧ ଓ ପାପ ଯେଉଁଥିରେ ନର୍କଦଶା ହେବା କଥା, ଏହି ଏକାଦଶୀ ପାଳନରେ ତାହା ନାଶ ହୋଇ ବ୍ରତୀକୁ ବୈକୁଣ୍ଠାସନ ମିଳେ । ପୁନଶ୍ଚ କୁହାଯାଇଛି ଯେ, ଏହି ଏକାଦଶୀ ପାଳନ କରିବା ଫଳରେ ତିନି ପୁଷ୍କର ସ୍ନାନ, କାର୍ତ୍ତିକ ସ୍ନାନ ଏବଂ ଗଙ୍ଗା ସ୍ନାନ ଇତ୍ୟାଦିର ପୁଣ୍ୟଫଳ ମିଳିଥାଏ । ସିଂହରାଶିର ଲୋକେ ଗୁରୁବାର ଦିନ ଗୋମତୀରେ ସ୍ନାନ କରିବା, କୁମ୍ଭରାଶିର ଲୋକେ କେଦାରନାଥଙ୍କୁ ଦର୍ଶନ କରିବା ଏବଂ ବଦ୍ରିକା ଆଶ୍ରମରେ ବାସ କରିବା ଫଳରେ ଯେଉଁଫଳ ମିଳେ ଅଥବା ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ କୁରୁକ୍ଷେତ୍ରରେ ସ୍ନାନକଲେ ଯେଉଁ ପୁଣ୍ୟଫଳ ମିଳେ, ତାହା କେବଳ ଏହି ଏକାଦଶୀ ବ୍ରତ ପାଳନ ଫଳରେ ମିଳିଥାଏ।

# ମାତୃଭୂମି ସେବା ସଂଗଠନ ପକ୍ଷରୁ ବିଶ୍ୱ ମାତୃଦିବସ

ବାଲେଶ୍ୱର, ୧୫/୦୫ (ନି.ପ୍ର): ମାତୃଭୂମି ସେବା ସଂଗଠନ ପକ୍ଷରୁ ବିଶ୍ୱ ମାତୃଦିବସ ରେମୁଣାସ୍ଥିତ ଗୌରୀଶଙ୍କର କଲ୍ୟାଣମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ସଂଗଠନର ସଭାପତି ପ୍ରଦୀପ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା କବୀ ଯଶୋଧାରା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ମାତୃ ଦିବସର ବିଶେଷତା ସମ୍ପର୍କରେ ଆଲୋଚନା କରିଥିଲେ। ଦୁନିଆରେ ମାଆର ବିକଳ୍ପ ନାହିଁ ଓ ମାଆଠାରୁ କେହି ବଡ଼ନୁହେଁ ବୋଲି ସେ ବକ୍ତବ୍ୟରେ କହିଥିଲେ। ବାଲେଶ୍ୱର ଜିଲା ସର୍ବୋଦୟ ମଣ୍ଡଳ ସଭାନେତ୍ରୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସମାଜସେବୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସାରର ସୃଷ୍ଟିଠାରୁ ପାଳନ ପର୍ଯ୍ୟନ୍ତ ମାଆର ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମାଆର ମମତା, ତ୍ୟାଗ ଓ ସହନଶୀଳତା ନିକଟରେ ଦୁନିଆର ସବୁ ସମ୍ପତି ନ୍ୟୁନ ବୋଲି ସେ କହିଥିଲେ। ପ୍ରତ୍ୟେକ ବ୍ୟକ୍ତି ମାଆଙ୍କୁ ସମ୍ମାନ ଦେବାରେ କେବେ ଅବହେଳା କରିବା ଉଚିତ ନୁହେଁ ବୋଲି ଶ୍ରୀମତୀ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ସଂଗଠନର ଉପ-ସଭାପତି ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରତ୍ନାକର ସିଂହ, ରେମୁଣା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପ୍ରଧାନ, କ୍ଷୀରଚୋରା ମନ୍ଦିରର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ବେହେରା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱମାତୃ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ।

ମଙ୍ଗଳବାର, ମଇ ୧୬, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କବି ନବ କୁମାର ଦାସଙ୍କ କବିତା ସଙ୍କଳନ 'ଜୀବନର ମହୌଷଧି' ଉନ୍ମୋଚିତ

ଲଙ୍ଗଳେଶ୍ୱର ୧୫/୫ (ନିପ୍ର)ମଣିଷର ବାହ୍ୟ ଶୁଦ୍ଧତା ପାଇଁ ଶୌଚ , ସ୍ନାନାଦି ଆବଶ୍ୟକ ।କିନ୍ତୁ ଅନ୍ତଃ ଶୁଦ୍ଧତା ପାଇଁ ଶାସ୍ତ୍ର ବାଣୀ ପଠନ ଜରୁରୀ ।ଶୁଦ୍ଧ ଆହାର ଶୁଦ୍ଧ ମନର ପରିପ୍ରକାଶ ।ମନ ପବିତ୍ର ରହିଲେ ଗାଡ଼ିଆ ଗଙ୍ଗା ।ମନ ଓ ହୃଦୟ ଶୁଦ୍ଧ ପବିତ୍ର ରହିଲେ ଶୁଦ୍ଧ ବଚନର ଆପଣା ଛାଏଁ ଉଦ୍ଗିରଣ ହୁଏ ବୋଲି ରବିବାର ବାଲିଆପାଳ ବ୍ଲକ କାଳିପଦା ବଜାର ନିକଟ ରାଧାକୃଷ୍ଣ ମନ୍ଦିର ପରିସରରେ ଯୁବକବି ନବ କୁମାର ଦାସ ଙ୍କ ଲିଖିତ କବିତା ସଙ୍କଳନ ' ଜୀବନର ମହୌଷଧି ' କୁ ଅତିଥିମାନେ ଉନ୍ମୋଚନ କରି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି ।ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ରେ ପୂର୍ବତନ ଡ଼ି ଆଇ . ତଥା ସୁସାହିତ୍ୟିକ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି ,ଲତା ଯୋଡି ସଂସ୍କୃତ କଲେଜର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା ,ସମ୍ମାନୀତ ଅତିଥି ଭାବରେ କାଳିପଦା ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ , ଫିଙ୍ଗା ପଥ ଦୁର୍ଗା ସଂସ୍କୃତ କଲେଜର ଅଧ୍ୟାପକ ନିରଞ୍ଜନ ବେହେରା, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ,କବିଙ୍କ ବାପା ଗଙ୍ଗାଧର ଦାସ ,କବି ଓ କଥାକାର ନଳିନୀ କାନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ ।କବି ସୁରେନ୍ଦ୍ର କୁମାର ପରିଡା କବିତା ସଂକଳନର କବିତା ଗୁଡିକୁ ସମୀକ୍ଷା କରି ଥିବା ବେଳେ ଲେଖକ ନବ କୁମାର ଦାସ ସଂକଳନର ପଠକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଏହି ଅବସରରେ ଯବନ କବି ସେକ ନିମାଜି ,ରାମ କୃଷ୍ଣ ଦାସ ଅଧିକାରୀ, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ବ୍ୟଙ୍ଗ କବି ବିଜୟ କୁମାର ପାତ୍ର,ରବୀନ୍ଦ୍ର ନାଥ ଦତ୍ତ,ଦେବ କୁମାର ଦାସ, ଜନ୍ମେଜୟ ଦାସ, ଜୟଶ୍ରୀ ଦାସ ପ୍ରମୁଖ ସ୍ୱ ରଚିତ କବିତା ପାଠ କରି ଥିଲେ। କବି ସୁମନ ମହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଷଷ୍ଠ ଜଳ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ , ୧୫/୦୫ (ନି.ପ୍ର): ପୁରୀ ଜିଲ୍ଲା ଆକ୍ୱାଟିକ ସଂଘ ଓ ପୁରୀ ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଆଜି ସ୍ଥାନୀୟ ଶ୍ରୀଜଗନ୍ନାଥ ଷ୍ଟାଡିୟମ ପରିସରରେ ଷଷ୍ଠ ପୁରୀ ଜିଲ୍ଲାସ୍ତରୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାଶ ଚନ୍ଦ୍ର ନାୟକ ଉଦଘାଟନ କରି କ୍ରିଡା ଶରୀରକୁ ସୁସ୍ଥ ଓ ଫୁର୍ତି ରଖିବା ସହ ଜୀବନ କୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ । ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ ଏହି ସନ୍ତରଣାଗାରରେ ଏହା ପ୍ରଥମ ସନ୍ତରଣ ପ୍ରତିଯୋଗିତା କହି ଜାତୀୟ ସଙ୍ଗୀତ ଗାନ କରାଇ ଏହାକୁ ଏକ 'ସ୍ମାରକୀ ପ୍ରତିଯୋଗିତା' ବୋଲି କହିଥିଲେ। ଅତିଥି ଭାବେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ,ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସେଠୀ, ଜେଏସଡବ୍ଲ୍ୟୁର କ୍ରିଡା ର ସଂଯୋଜକ ସ୍ୱାଗତ ମହାପାତ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣ ସଂଯୋଜକ ବିନାୟକ ପ୍ରସାଦ ରାଓ ଉପସ୍ଥିତ ଥିଲେ। ଏଥିରେ ମୋଟ ୮୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।ଚାରିଗୋଟି ସନ୍ତରଣ ଷ୍ଟ୍ରୋକ ଉପରେ ମୋଟ ୩୭ ଗୋଟି ଇଭେଂଟ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ପନ୍ଦର ଜଣିଆ ସ୍ୱତନ୍ତ୍ର ବୈଷୟିକ ଦଳ 'ଫିନା ନିୟମ' ମୁତାବକ ପରିଚାଳନା କରିଥିଲେ ।ଜିଲ୍ଲା ଆରକ୍ଷୀ ବିଭାଗ, ବେଳାଭୂମୀ ଲାଇଫ ଗାର୍ଡ଼ ସଂଘ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଏହି କାର ?ୟକ୍ରମରେ ସାମିଲ ହୋଇ ସେବା ଯୋଗାଇଥିଲେ। ନୂତନ ସନ୍ତରଣାଗାର ପୁରୀରେ ନିର୍ମାଣ କରାଯାଇଥିବାରୁ କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପୂର୍ବତଟ କୋଷ୍ଟ କେନାଲ ପୁନରୁଦ୍ଧାର ମଂଚ ପକ୍ଷରୁ ପଶ୍ଚିମବଙ୍ଗର ସାଂସଦମାନଙ୍କ ସହ ଆଲୋଚନା



ବାଲେଶ୍ୱର, ୧୫/୦୫ (ନି.ପ୍ର): ଗତ ୧୩ ତାରିଖ ଶନିବାର ପୂର୍ବତଟ କୋଷ୍ଟ କେନାଲ ପୁନରୁଦ୍ଧାର ମଂଚ ପକ୍ଷରୁ ଆବାହକ ଶ୍ରୀ ଶୁଭଙ୍କର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂର୍ବ ମେଦିନିପୁରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଦିଲ୍ଲୀପ ଘୋଷ, ତମଲୋକର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଦିବ୍ୟେନ୍ଦୁ ଅଧିକାରୀ ଓ କାନ୍ଥିର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଶିଶିର ଅଧିକାରୀଙ୍କ ସହ ସାକ୍ଷାତ୍ କରି ପୂର୍ବତଟ କୋଷ୍ଟ କେନାଲର ପୁନରୁଦ୍ଧାର ଦିଗରେ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ପ୍ରତିନିଧି ଦଳରେ ଶ୍ରୀ ବିଜୟ ଦାସ ଅଧିକାରୀ, ଶ୍ରୀ ସୁକୁମାର ରାୟ, ଶ୍ରୀ ଅନୁପ ଚକ୍ରବର୍ତ୍ତୀ, ଶ୍ରୀ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ମାନ୍ୟବର ସାଂସଦଗଣ ପୂର୍ବତଟ କୋଷ୍ଟ କେନାଲର ଐତିହାସିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ଏହାର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅବଦାନ ପଶ୍ଚିବଙ୍ଗ ଓ ଓଡ଼ିଶାକୁ ସମୃଦ୍ଧ କରିଥିଲା ବୋଲି କେନ୍ଦ୍ର ସରକାରଙ୍କ ଠାରେ ନିରନ୍ତର ଦାବି ଜଣାଇ ଆସୁଛନ୍ତି ବୋଲି କହିଥିଲେ । ଆଗାମୀ ସଂସଦ ଅଧିବେଶନରେ ପୂର୍ବତଟ କୋଷ୍ଟ କେନାଲ ଅଂଚଳର ଓଡ଼ିଶାରୁ ୨ଜଣ ଓ ପଶ୍ଚିମବଙ୍ଗରୁ ୩ଜଣ, ମୋଟ ୫ଜଣ ସାଂସଦ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ସର୍ବାନନ୍ଦ ସୋନାୱାଲଙ୍କ ସହ ସାକ୍ଷାତ୍ କରି ଏହି ଦାବିର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଜୀଙ୍କୁ ଏ ଦିଗରେ ଅବଗତ କରାଇବେ ବୋଲି ପୁନରୁଦ୍ଧାର ମଂଚ ପକ୍ଷରୁ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ୨ୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଓ ଓଡ଼ିଶାର ବିଧାୟକମାନଙ୍କୁ ସେମାନେ ରାଜ୍ୟ ସରକାରଙ୍କ ଠାରେ ଏ ଦିଗରେ ଦୃଢ଼ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯିବ ।

## ଦୁଇଦିବସୀୟ ବନ୍ୟଜନ୍ତୁ କର୍ମଶାଳା ଅନୁଷ୍ଠିତ




ନୀଳଗିରି : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ପଞ୍ଚଲିଙ୍ଗେଶ୍ୱର ସ୍ଥିତ ସାଇଈଶ୍ୱରୀ ହିଲ ଭିଉ ରିସର୍ଟ ଠାରେ ବିକାଶସାଥୀ ଅନୁଷ୍ଠାନ ତରଫରୁ ଦୁଇ ଦିବସିଅ ବନ୍ୟଜନ୍ତୁ ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ଅନୁଷ୍ଠାନିକ ଭାବେ ପ୍ରଫେସର ସୁଶୀଲ କୁ ଦତ୍ତ ଉଦଘାଟନ କରିଥିଲେ । କର୍ମଶାଳାରେ ୪୦ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଶ୍ୱବିଦ୍ୟାଳୟର ଯଥା - ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ, କଲିକତା ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀ ମାନେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼ଃ ନୀଳାଦ୍ରୀ ଭୂଷଣ କର ବନ୍ୟଜନ୍ତୁ ଗଣନା ଓ ସେମାନଙ୍କର ପ୍ରକୃତି ବିଷୟରେ ଶିକ୍ଷ୍ୟାଦାନ କରିଥିଲେ। ପ୍ରଫେସର ସୁଶୀଲ ଦତ୍ତ ଭାରତୀୟ ସରୀସୃପ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରିଥିଲେ ଏହି କର୍ମଶାଳାରେ ବନ୍ୟଜନ୍ତୁ ସମ୍ବନ୍ଧୀୟ ଆଧୁନିକ ଉପକରଣ ଯଥା - କ୍ୟାମେରା ଟ୍ରାପ,ରେଞ୍ଜ ଫାଇଣ୍ଡର, ଗ୍ରୀଡ଼ ସାଇନ ସର୍ଭେ, ଏବଂ ମଳ ଚିହ୍ନଟ ବିଷୟ ସମ୍ପର୍କିତ କୌଶଳକୁ ଭୁବନେଶ୍ୱରର ରମକୁ (ଆର୍ଥ କୁରେଟର )ସଂସ୍ଥାର ପ୍ରତିଷ୍ଠାତା ଅରବିନ୍ଦ ସାମଲ ଓ ଶୁଭଜିତ ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ଜ୍ଞାନକୌଶଳ ଶିକ୍ଷ୍ୟାଦାନ କରିଥିଲେ । ସଂସ୍ଥାର ସମ୍ପାଦକ ବିଶ୍ୱଜିତ ପଣ୍ଡା ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ମନୋରଞ୍ଜନ ଦାସ ପକ୍ଷୀ ଗଣନା ତଥା ଚିହ୍ନଟ ସମ୍ପର୍କରେ ତଥ୍ୟ ଦେଇଥିଲେ । ବିକାଶ ସାଥୀର ସହାପ୍ରତିଷ୍ଠାତା ଜୟନ୍ତ ପଲେଇ,ମନୋଜ ପଣ୍ଡା, ଶୁଭସ୍ମିତା ପଣ୍ଡା, ମାନସ ପଣ୍ଡା, ଅସୀମା ଜେନା ଦେବୀ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାସୁଦେବପୁର ବ୍ଲକ୍‌ରେ ମିଳିତ ଜନ ଶୁଣାଣି ଶିବିର




ଭଦ୍ରକ, ୧୫/୦୫ (ନି.ପ୍ର): ଜିଲ୍ଲାପାଳ ଓ.ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜନ ନେଇ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ବାସୁଦେବପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ଶିବିର ଆୟୋଜିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୬ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୧୦୪ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଅଭିଯୋଗ ଥିଲାବେଳେ ୧୨ଟି ଅଭିଯୋଗ ସାମୂହିକ ସମସ୍ୟା ଭିତ୍ତିକ ଥିଲା। ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବାସୁଦେବପୁର ବି.ଡ଼ି.ଓ. ସତ୍ୟଜିତ୍ ରାଉତ, ବାସୁଦେବପୁର ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ୧୦ ଜଣ ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ତିନିଚକିଆ ସାଇକେଲ ୭ଟି, ହ୍ୱିଲ ଚେୟାର ୨ଟି ଓ ଦୃଷ୍ଟିବାଧିତ ବାଡ଼ି ୧ଟି ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ଗୁଡ଼ିକର ନିୟମ ଅନୁଯାୟୀ ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକ୍ ସ୍ତରୀୟ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ମା' ରାମଚଣ୍ଡୀଙ୍କ ଜଳଶାୟୀ ଉତ୍ସବ

ପୁରୀ, ୧୫/୦୫ (ନି.ପ୍ର): ଦୋଳମଣ୍ଡପ ସାହି ଜେନାରିଗଛ ଛକ ସ୍ଥିତ ମା ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜଳକ୍ରୀଡ଼ା ଏକାଦଶୀ ତିଥିରେ ମନ୍ଦିର ଦ୍ୱାରଫିଟା, ମଙ୍ଗଳଆଳତି, ଅବକାଶ, ବାଳଭୋଗ, ସଙ୍ଖୁଡ଼ି ଭୋଗ ବଢିବା ପରେ ମାଙ୍କ ଆସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା । ସେବକ ମାନେ କୂଅରୁ ଗରାରେ ଜଳଆଣି ମାଙ୍କ ଅସ୍ଥାନ ନିକଟରେ ରଖିଥିଲେ।

## ୬୦ନଂ ରାଜପଥରେ ଗୋରୁ ବୋଝେଇ କଣ୍ଟେନରକୁ ଅଟକାଇ ୪୫ ହଜାର ଟଙ୍କା ଲୁଟ : ୧ ଗିରଫ

ଜଳେଶ୍ୱର , ୧୫/୦୫ (ନି.ପ୍ର): ୬୦ନଂ ଜାତୀୟ ରାଜପଥ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ପାଲଟିଛି । ସବୁଦିନ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିବାରେ ଲାଗିଛି । ଗତ ଶନିବାର ଅପରାହ୍ନରେ ଏକ କଣ୍ଟେନ ଏପି ୧୬ଟି ଏସ୍-୮୫୨୩ରେ ୧୩ଟି ଗୋରୁ ବୋଝଇ ହୋଇ ଆନ୍ଧ୍ରରୁ କଲେକତା ଯାଉଥିଲା । କଣ୍ଟେନରକୁ ଶାନ୍ତିଆ ରେଲପୋଲଠାରେ ଏ ଅଂଚରେ ସକ୍ରିୟ ଥିବା କେତେକ ଚୋରା ଗୋ-ଚାଲାଣକାରୀ ସେମାନଙ୍କୁ ଅଟାଇଥିଲ । ସେମାନଙ୍କୁ ଠାରୁ ମୋଟା ଅଂକର ଅର୍ଥ ଦାବି କରିବା ସହିତ ଚାଳକଙ୍କଠାରୁ ଗାଡିର ଚାବି ଏବଂ ନଗର ୪୫ହଜାର ୭ଶହ ଟଙ୍କା ସହିତ କେତେକ କାଗଜପତ୍ର ଛଡିଇ ନେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଏ ସଂପର୍କରେ ଜଳେଶ୍ୱର ପୁଲିସ୍ ଖବର ପାଇ ଘଟାଣା ସ୍ଥଳରେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ଗନ୍ତବ୍ୟପଥରେ କଣ୍ଟେନରକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଦପ ବୀର ଭେଙ୍କଟ ରାମାରାଓଙ୍କ ଅଭିଯୋଗ କ୍ରମେ ନାଙ୍ଗୁଡସାହି ଗାଁର ଆକାଶ ଦାସ (ପିଙ୍କୁ)କୁ ବାଇକ୍‌ସହ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟଜଣେ ଅଭିଯୁକ୍ତ ଜୟନ୍ତ ପାତ୍ର (ରିଙ୍କୁ) ଫେରାର ଅଛି ।

## ଓଡ଼ିଶା ରକ୍ତଦାତା ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ



ବସ୍ତା , ୧୫/୦୫ (ନି.ପ୍ର): ଓଡିଶା ବ୍ଲଡ଼ ଡୋନର ଆସୋସିଏସନର ଅଷ୍ଟମ ପ୍ରତିଷ୍ଠା ଦିବସ ସମୋବାର ରୂପସାସ୍ଥିତ ଶ୍ରୀଜଗନ୍ନାଥ ମଣ୍ଡପ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ସଙ୍ଗଠନର ସଭାପତି ଭିକାରୀ ଚରଣ ମିସ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡ଼ଃ ଦିଲ୍ଲୀପ କୁମାର ଭୋଇ, ମୁଖ୍ୟବକ୍ତା ନୀଳଗିରି ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ କାଉନସେଲର ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବିଦ୍ୟାଳୟ ଉପ ନିରୀକ୍ଷକ କୁମୁଦ ରଞ୍ଜନ ଗିରି, ଜିଲ୍ଲା ରକ୍ତଦାତା ସଙ୍ଗଠନର ଉପଦେଷ୍ଟା ସୁକୁମାର ରଣା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନର ମହନୀୟତା ସମ୍ପର୍କରେ ଆଲୋଚନା କରିବା ସହ ଯୁବ ସମାଜ ଅଧିକରୁ ଅଧିକ ଭାବେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ଗୋଟିଏ ରକ୍ତ ଗୋଟିଏ ଜୀବନ କେବଳ ସ୍ଲୋଗାନରେ ନୁହଁ କାର୍ଯ୍ୟରେ ପରିଣତ କରିବାର ଗୁରୁତ୍ୱକୁ ସମସ୍ତେ ଉପଲବ୍ଧି କରିବା ବିଧେୟ ବୋଲି ଅତିଥିମାନେ ଏହି କାର୍ଯ୍ୟକ୍ରମରେ ମତପ୍ରକାଶ କରିଥିଲେ । ଏହାଦ୍ୱାରା ଚିକିତ୍ସା କ୍ଷେତ୍ରରେ ରକ୍ତ ସଙ୍କଟକୁ କିଛି ମାତ୍ରାରେ ଦୂର କରାଯାଇ ପାରିବ ବୋଲି ସେମାନେ ରକ୍ତଦାନ ଶିବିର ଆୟୋଜକ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ କରିଥିଲେ । ଦେବେନ୍ଦ୍ର ଆଚାର୍ଯ୍ୟ ବେଦ ପାଠ କରିଥିବାବେଳେ ସୁଧାକର ବେହେରା, କମଳାକାନ୍ତ ବେହେରା, ବିଶ୍ୱନାଥ ପ୍ରଧାନ, ଯଜ୍ଞେଶ୍ୱର ଗିରି, ବିଶ୍ୱଜିତ ସାହୁ, ମନ୍ମଥ କୁମାର ଦଳେଇ ଓ ଜ୍ୟୋତି ରଞ୍ଜନ ବର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆବାହକ ସୁଧାକର ଗିରି, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସତ୍ୟ ପ୍ରକାଶ ବେହେରା, ଗଛ ମଣିଷ ରବୀନ୍ଦ୍ର କୁମାର ବେହେରା, ଇଂ. ରାକେଶ କୁମାର ଦାସ, ମହେଶ୍ୱର ହାଁସଦା, ରାମଚନ୍ଦ୍ର ବେହେରା, ନିରଞ୍ଜନ ବାରିକ, ମନୋରଞ୍ଜନ ପ୍ରଧାନ ଓ ଅମୂଲ୍ୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେରୁଦଣ୍ଡ ଜନିତ ରୋଗର ସଚେତନତା ପାଇଁ ଗଣଦୌଡ଼




କଟକ, ୧୫/୦୫ (ନି.ପ୍ର): ମେରୁଦଣ୍ଡ ଜନିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇବା ପାଇଁ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉଇନ୍ସ ଫର ଲାଇଫ୍ ଉଆଲଡ ପକ୍ଷରୁ ନରାଜ ସ୍ଥିତ ଓଡିଶା ମେରିଟାଇମ ପଡିଆରେ ଆୟୋଜିତ ଏହି ନିଆରା ସଚେତନତା କାର୍ଯ୍ୟରେ ୨୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ସାମିଲ ହୋଇଥିଲେ ।ବିଶେଷ କରି ଅକ୍ଷୟ ମୋହନ ସର୍ବାଧିକ ୧୯ କି.ମି ,ଆରିୟାନ ବ୍ରାହ୍ମଣ ୧୪କି.ମି,କରନ ସରକାର ୧୧ କି.ମି ଦୌଡ଼ି ରେକର୍ଡ ସୃଷ୍ଟି କରିଥିଲେ ।ଶେଷରେ ପଡିଆରେ ଏକାଠି ହୋଇଥିବା ଯୁବଗୋଷ୍ଠୀକୁ ଅତିଥି ମାନେ ଘରକୁ ଘର ବୁଲି ଏଭଳି ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅଂଶୁମାନ ମହାନ୍ତି,ଆଶିଷ କୁମାର ପଡିଆରୀ, ଅନୁପମ ମିହିର,ସ୍ପନ୍ଦନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ବେଆଇନ୍ କରତକଳରେ ଚଢାଉ : କାଠ ଓ ଯନ୍ତ୍ରାଂଶ ଜବତ୍



ଜଳେଶ୍ୱର ୧୫/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ କେତେକ ବେଆଇନ୍ କରତକଳ ଚାଲୁଥିବାର ଖବର ପାଇ ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ । ଆଜି ସକାଳେ ଫରେଷ୍ଟର ଝାନ୍‌ସୀରାଣୀ ଭୂୟାଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଇବଣିଆ ଫରେଷ୍ଟର ଦେବରାଜ ରାଉତ, ଭୋଗରାଇ ଫରେଷ୍ଟର ପରାମାନନ୍ଦ ନାୟକ, ବନବିଭାଗର ଟିମ୍ ସହିତ ଜଳେଶ୍ୱର ବ୍ଲକର ବର୍ତ୍ତନା ସ୍ଥିତ ଏକ ବେଆଇନ୍ କରତକଳ ଉପରେ ଚଢାଉ କରିଥିଲେ । ଏଥିରେ ପ୍ରାୟ ୧ଲକ୍ଷ ଟଙ୍କାର ମୂଲ୍ୟବାନ କାଠ ଓ ଅଢେଇ ଲକ୍ଷ ଟଙ୍କାର ବିଭିନ୍ନ ଯନ୍ତ୍ରାଂଶ ଜବତ୍ ହୋଇଥିବା ଫରେଷ୍ଟର ଝାନ୍‌ସୀରାଣୀ ଭୂୟାଁ ସୂଚନା ଦେଇଛନ୍ତି । କିନ୍ତୁ ଚଢାଉବେଳେ କରତକଳ ମାଲିକ ଉପସ୍ଥିତ ନ ଥିବାରୁ ତାଙ୍କୁ ଗିରଫ କରିବା ସମ୍ଭବ ହୋଇନାହିଁ ବୋଲି କୁହାଯାଇଛି ।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ

ପୁରୀ, ୧୫/୦୫ (ନି.ପ୍ର): ଆଜି ଜଳକ୍ରୀଡ଼ା ଏକାଦଶୀ । ଶ୍ରୀମନ୍ଦିର ଭିତର ଚନ୍ଦନ ଯାତ୍ରା ଅବସରରେ ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ଠାକୁରଙ୍କ ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିରସ୍ଥ ଜଳକ୍ରୀଡ଼ା ମଣ୍ଡପରେ ଠାକୁର ଠାକୁରାଣୀ ବିଜେ ହୋଇ ଏହି ଦେବନୀତି ସମ୍ପନ୍ନ ହୋଇଛି । ଠାକୁରଙ୍କ ଆଲଟଲାଗି ଓ ଚନ୍ଦନଲାଗି ନୀତି ବଢିଲା ପରେ ଯାତଭୋଗ କରାଯାଇଛି । ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ । ସୁବାଷିତ ପୁଷ୍ପ, କର୍ପୂର, ଚନ୍ଦନ ଆଦି ସୁଗନ୍ଧିତ ଦ୍ରବ୍ୟଯୁକ୍ତ ଜଳରେ ଠାକୁର ଅଧିଷ୍ଠିତ ହୋଇଥିଲେ । ପୂଜାପଣ୍ଡା ସାଆନ୍ତ ପଂଚୋଉପଚାରରେ ଶୀତଳ ଭୋଗ ଅର୍ପଣ କରିଥିଲେ । ଏହାପରେ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇଥିଲା । ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଚନ୍ଦନ ଜଳରେ ପିଚକାରୀ ଖେଳ ଅନୁଷ୍ଠିତ ହୋଇଥିଲା । ଏଭଳି ଜଳକ୍ରୀଡ଼ା ନୀତି ସରିବା ପରେ ଦେବାଦେବୀ ନିଜ ଆସ୍ଥାନକୁ ବାହୁଡ଼ିଥିଲେ । ଏଥିସହ ଆଜି ଶମ୍ଭୁ ଏକାଦଶୀର ସ୍ୱତନ୍ତ୍ର ନୀତି ମଧ୍ୟ ଅନୁଷ୍ଠିତ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo